୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27 . No.11 Bhubaneswar Friday Feburary 14 2025 | ୨୭ତମ ବର୍ଷ ସଂଖ୍ୟା-୧୧ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୪, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ମହର୍ଷି ପବ୍ଲିକ୍ ସ୍କୁଲର ୨୨ତମ ବାର୍ଷିକ ଉତ୍ସବ







ବାରିପଦା, ୧୩।୨(ପି.ଏନ): ସ୍ଥାନୀୟ ବଘଡାରୋଡ ସ୍ଥିତ ମହର୍ଷି ପବ୍ଲିକ୍ ସ୍କୁଲ ର ୨୨ତମ ବାର୍ଷିକ ଉତ୍ସବ ଶହୀଦ ସ୍ମୃତି ଭବନ ରେ ମହାଆଡମ୍ବର ରେ ପାଳିତ ହୋଇଯାଇଛି । ସ୍କୁଲ ର ଅଧ୍ୟକ୍ଷ କାଜଲ କାନ୍ତି ମହାପାତ୍ର ଙ୍କ ସଭା ପତିତ୍ୱ ରେ ଅନୁଷ୍ଠିତ ଉତ୍ସବ ରେ ବାରିପଦା ମ୍ୟୁନିସିପାଲିଟି ର ରଙ୍ଗରମଙ୍କପ୍ରସଙ୍ଗର ଅଫିସର ଶ୍ରୀଯୁକ୍ତ ଦେବୀପ୍ରସାଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଦିଗଦର୍ଶନ ଦେବା ସହ ଆଜିର ପିଲା କାଲିର ଭବିଷ୍ୟତ, ପିଲାମାନଙ୍କୁ ସଠିକ ବାଟରେ ନେବା ଶିକ୍ଷକ ଓ ଅଭିଭାବକଙ୍କର ଗୁରୁଦାଇତ୍ୱ ଅଛି । ପିଲାମାନଙ୍କର ମନ କୁ ଜାଣି ପାଠ , ଖେଳ , ଗପ ,ଗୀତ .. ଇତ୍ୟାଦିକୁ ଗୁରୁତ୍ୱ ଦେଲେ "ବିଦ୍ୟା ଅଟାଇ ମହାଧନ ବାଳକ କର ଉପାର୍ଜନ"ମର୍ମ ଟି ସାର୍ଥକ ହୋଇପାରିବ । ମୁଖ୍ୟବକ୍ତା ଭାବେ ବଙ୍ଗିରିପୋଷି ଏଲ. କେ. କଲେଜର ପ୍ରିନସିପାଲ ଡା. ପୁଷ୍ପାରାଣୀ ପାତ୍ର ଯୋଗ ଦେଇ ବକ୍ତବ୍ୟ ରଖି କହିଥିଲେ ବିଦ୍ୟାଠାରୁ ଦୁନିଆରେ ବଡ କିଛି ନହିଁ – ବିନା ଗୁରୁରେ ପାଠ ନାହିଁ । ଯେପରି ପଇସା ବିନା ହାଟ ନହିଁ । ତେଣୁ ପିଲାମାନେ ଗୁରୁଙ୍କ ଠାରୁ ଶିକ୍ଷା ଲାଭ କରିବା ସହ ଆଶୀର୍ବାଦ ଲାଭ କରିବା ମଧ୍ୟ ଅତିଜରୁରୀ । ସାମ୍ପ୍ରତିକ ଦୁନିଆ ରେ ଛାତ୍ରଛାତ୍ରୀ ମାନେ ସଂଗ୍ରାମ କରି ବଞ୍ଚିବା ପାଇଁ ଶିଖିବା ଉଚିତ , କାରଣ ପରିଶ୍ରମୀ ହିଁ ପରିଶ୍ରମର ଫଳ ପାଇଥାଏ .. ପରିଶ୍ରମ କେବେ ବୃଥା ଯାଏନାହିଁ। ସମ୍ମାନିତ ଅତିଥି ଭାବେ ମହର୍ଷି ଗ୍ରୁପ ର ଚେୟାରମ୍ୟାନ ତଥା ଦୈନିକ ଖବର କାଗଜ ପର୍ଯବେକ୍ଷକ ଓ କଳିଙ୍ଗ କ୍ରୋନିକ ର ଚିଫ ଏଡିଟର ଡା ପବିତ୍ର ମୋହନ ସାମନ୍ତରାୟ ଯୋଗ ଦେଇ କହିଥିଲେ ଆଜି ମୋବାଇଲ ଫୋନ କିପରି ଛାତ୍ରଛାତ୍ରୀ ମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି .. ତାହା ଆଜି କାହାକୁ ଅଜଣା ନହିଁ । ତେଣୁ ଏଥିରୁ ଦୂରେଇ ରହି ପାଠ୍ୟ ପୁସ୍ତକ କୁ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିବା ଉଚିତ । ସ୍କୁଲ ର ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ ଯୋଗଦେଇ ପିଲାମାନଙ୍କୁ ଉପଦେଶ ଦେବା ସହ ଅତିଥି ଙ୍କ ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ଯୋଗ ଦେବା ଅବସର ରେ ପ୍ରଥମେ ପ୍ରଦୀପ ଲଗାଇବାପରେ ଉପସ୍ଥିତ ଅତିଥି , ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ସହ ସାମୁହିକ ଗୁରୁପୁଜନ କରିବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍କୁଲ ର ଅଧ୍ୟକ୍ଷ ବାର୍ଷିକ ବିବରଣୀ ପଢିବା ସହ ପୂର୍ବରୁ ହୋଇଥିବା ବିଭିନ୍ନ କ୍ରିଡା ଓ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀ ଙ୍କୁ ଅତିଥି ମାନେ ସାର୍ଟିଫିକେଟ ଓ ପ୍ରାଇଜ୍ ଦେଇ ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତି ମନରୋମ ସାଂସ୍କୃତିକ କାର୍ଯ୍ୟକ୍ରମ, ଯେପରି ବେଦପାଠ, ଯୋଗ, ଗୀତ, ଡ୍ରାମା, ରେକର୍ଡ ଡ୍ୟାନ୍ସ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ସ୍କୁଲ ର ଶ୍ରୀ ଅଶୋକ କୁମାର କର ସଭା କୁ ସାଫଲ୍ୟ କରିବାରେ ସହଯୋଗ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧନ୍ୟବାଦ ଦେଇଥିଲେ। ସଭାକୁ ସାଫଲ୍ୟ ମଣ୍ଡିତ କରିବାରେ ପ୍ରତ୍ୟେକ ଶିକ୍ଷକ,ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ବଜେଟ୍ ଅଧିବେଶନ ଆରମ୍ଭ: ନିର୍ବାଚନରେ ନିରନ୍ତରତା ପରିବର୍ତ୍ତେ ପରିବର୍ତ୍ତନକୁ ବାଛିଛନ୍ତି ଓଡିଶାବାସୀ: ରାଜ୍ୟପାଳ



ଭୁବନେଶ୍ୱର, ୧୩।୨(ପି.ଏନ): ଅସମ୍ଭବ ଲାଗୁଥିବା ପରିବର୍ତ୍ତନକୁ ଅପେକ୍ଷା କରି କ୍ଳାନ୍ତ ହୋଇପଡିଥିଲେ ରାଜ୍ୟବାସୀ । ହୃଦୟରେ ଆଶା ଓ ଭବିଷ୍ୟତ ପାଇଁ ଦୃଷ୍ଟିଭଙ୍ଗୀ ରଖି ୨୦୨୪ ସାଧାରଣ ନିର୍ବାଚନରେ ନିରନ୍ତରତା ପରିବର୍ତ୍ତ ? ପରିବର୍ତ୍ତନକୁ ବାଛିଲେ । ମୋ ସରକାରଙ୍କ ପ୍ରତିଶ୍ରୁତିକୁ ଗ୍ରହଣ କଲେ । ଓଡିଶାବାସୀଙ୍କ ମତଦାନ କେବଳ ଏକ ରାଜନୀତିକ ନିଷ୍ପତ୍ତି ନଥିଲା ବରଂ ଏହା ଏକ ଆସ୍ଥାର ପରିପ୍ରକାଶ ଥିଲା । ଏକ ଉଜ୍ଜ୍ୱଳ ଦିଗନ୍ତକୁ ଆଖିରେ ରଖି, ପରିବର୍ତ୍ତନର ଆଶା ଓ ଭରସା ନେଇ ସେମାନେ ମୋ' ସରକାର ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ଯିଏ ସେମାନଙ୍କ କଥା ଶୁଣିବ,ବୁଝିବ ଓ କାର୍ଯ୍ୟ କରିବ । ଯିଏକି ଗରିବଙ୍କ ଆଶ, ଯୁବକମାନଙ୍କ ଆକାଂକ୍ଷା, କୃଷକଙ୍କ ସ୍ୱପ୍ନ ଓ ମହିଳାମାନଙ୍କ ଲକ୍ଷ୍ୟକୁ ସାକାର କରି ଏକ ଅତୁଳନୀୟ ସମୃଦ୍ଧିର ନୂତନ ଯୁଗ ଆରମ୍ଭ କରିବ । ବିଧାନସଭା ବଜେଟ୍ ଅଧିବେଶନକୁ ସମ୍ବୋଧିତ କରି ନିଜର ଅଭିଭାଷଣରେ ଏଭଳି କିଛି କଥା କହିଛନ୍ତି ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି । ଏହାସହିତ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଏବେଠୁ ଭିତ୍ତିଭୂମି ପଡିଥିବା ମଧ୍ୟ କହିଛନ୍ତି । ତେବେ ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧୀ ବିଜେଡି ଓ କଂଗ୍ରେସ ସମାଲୋଚନା କରି ସରକାର ସବୁବେଳେ ରାଜ୍ୟପାଳଙ୍କ ଦ୍ୱାରା ମିଛ କୁହାଉଛନ୍ତି ବୋଲି କହିଛନ୍ତି ।ବିଧାନସଭା ବଜେଟ୍ ଅଧିବେଶନ ଆଜିଠୁ ରାଜ୍ୟପାଳ ଡଃ ହରିବାବୁଙ୍କ ଅଭିଭାଷଣରୁ ଆରମ୍ଭ ହୋଇଛି । ବଜେଟ ଅଭିଭାଷଣ ମାଧ୍ୟମରେ ରାଜ୍ୟର ବିଜେପି ସରକାରଙ୍କ ବିଗତ ୮ମାସର ବିଭିନ୍ନ କାର୍ଯ୍ୟ ଓ ଭବିଷ୍ୟତ ପାଇଁ ରହିଥିବା କାର୍ଯ୍ୟର ଏକ ରୂପରେଖ ଉପସ୍ଥାପନ କରିଛନ୍ତି । ରାଜ୍ୟବାସୀଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ପାଇଁ ଏକ ସୁଦୃ ? ଭିତ୍ତିଭୂମି ସ୍ଥାପନ କରୁଛି ବୋଲି ରାଜ୍ୟପାଳ କହିଛନ୍ତି । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ ଓଡିଶା ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ମୋ ସରକାରଙ୍କ ବିସ୍ତୃତ ଯୋଜନା ରହିଛି, ଯେଉଁଥିରେ ଭାରତର ଅର୍ଥନୀତିକୁ ଓଡିଶାର ୧.୫ ଟ୍ରିଲିୟନ ଡଲାର ଯୋଗଦାନର ଆଭିମୁଖ୍ୟ ରହିଛି ବୋଲି ରାଜ୍ୟପାଳ କହିବା ସହ ଏହି ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ବର୍ତ୍ତମାନର 'ଅମୃତ କାଳ'ର ସର୍ବ ?।ଉମ ଉପଯୋଗ କରି ପ୍ରତ୍ୟେକ ବ୍ୟକ୍ତି, ସଂଗଠନ ଓ ସମଗ୍ର ରାଜ୍ୟକୁ ସକ୍ରିୟ ଭାବେ ଅଭିନବତ୍ୱ ପ୍ରତିପାଦନ ପୂର୍ବକ ପ୍ରଗତିଶୀଳ ଚିନ୍ତାଧାରା ସହ କାର୍ଯ୍ୟ କରିବାକୁ ହେବ ବୋଲି ରାଜ୍ୟପାଳ କହିଛନ୍ତି ।ସରକାର ଆସିବାର ୮ମାସ ବିତିଛି । ଏହା ମଧ୍ୟରେ ମୋ' ସରକାର ବିଭିନ୍ନ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଅନେକ ଯୋଜନା ପ୍ରଣୟନ କରିଛନ୍ତି । ରାଜ୍ୟ ତଥା ଦେଶର ସ୍ୱାର୍ଥ ପାଇଁ ଅନେକ କାର୍ଯ୍ୟକ୍ରମମାନ ଆୟୋଜନ ହୋଇଛି । ପ୍ରାୟ ଏକ କୋଟି ମହିଳାଙ୍କୁ ନିଜର ପ୍ରମୁଖ ଯୋଜନା 'ସୁଭଦ୍ରା'ରେ ସାମିଲ କରିବା, ଧାନ ପାଇଁ ଏମଏସପି ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ଟଙ୍କା ଇନପୁଟ ସହାୟତା ପ୍ରଦାନ, ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର ଖୋଲିବା ଓ ଓଡିଆ ଅସ୍ମିତାକୁ ପୁନର୍ଜୀବିତ କରିବାକୁ ଅନେକ ପଦକ୍ଷେପ ନେଇଛନ୍ତି । ୨୦୨୪ ନଭେମ୍ବରରେ ପୁଲିସ ଡିଜି ସମ୍ମିଳନୀ, ୨୦୨୫ ଜାନୁୟାରୀ ମାସରେ ସିଙ୍ଗାପୁରର ରାଷ୍ଟ୍ରପତିଙ୍କ ଗସ୍ତ, ୧୮ତମ ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ ଆୟୋଜନ ପାଇଁ ମୋ' ସରକାରଙ୍କ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ ବୋଲି ରାଜ୍ୟପାଳ କହିଥିଲେ ।ବୈଦେଶିକ ବାଣିଜ୍ୟ, ସମୃଦ୍ଧ ଖଣିଜ ଭଣ୍ଡାର ଓ ପ୍ରଚୁର ମାନବ ସମ୍ବଳର ସମୃଦ୍ଧ କେନ୍ଦ୍ର ଭାବେ ଗୌରବମୟ ଅତୀତ ସତ୍ତ୍ୱେ ସ୍ୱାଧୀନତା ପରବର୍ତ୍ତୀ ଅନେକ ବର୍ଷ ଧରି ଓଡିଶା ଏହାର ବିପୁଳ ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ପାଇଁ ସଂଘର୍ଷ କରିଥିଲା । ରାଜ୍ୟର ପ୍ରତିଶ୍ରୁତି ଅନେକ ସମୟରେ ପୂରଣ ହୋଇପାରିନଥିଲା ବୋଲି ରାଜ୍ୟପାଳଙ୍କ ମୁହଁରେ ରାଜ୍ୟର ବିଜେପି ସରକାର କୁହାଇ ପୂର୍ବ ସରକାରମାନଙ୍କୁ ଟାର୍ଗେଟ୍ କରିଛନ୍ତି । ମୋ' ସରକାର ପ୍ରଗତି ଓ

## ନବୀନ ଭୟଭୀତ କି ?



ଭୁବନେଶ୍ୱର, ୧୩।୨(ପି.ଏନ): ବିଧାନସଭାର ବଜେଟ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟପାଳଙ୍କ ଅଭିଭାଷଣରୁ ଏହି ଅଧିବେଶନ ଆରମ୍ଭ ହୋଇଛି। ତେବେ ଅଧିବେଶନର ପ୍ରଥମ ଦିନରେ ଗୃହ ବାହାରେ ଦେଖିବାକୁ ମିଳିଥିଲା ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଭିନ୍ନ ରୂପ। ସମସ୍ତଙ୍କ ସମ୍ମୁଖରେ ନିଜ ଦଳର ବରିଷ୍ଠ ବିଧାୟକ ସନାତନ ମହାକୁଡଙ୍କୁ ନବୀନ ମାରିଥିଲେ ଟେରଛା ବାଣ, ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ତା'ସହିତ ନବୀନ ଭୟଭୀତ କି ବୋଲି ଉଠିଛି ପ୍ରଶ୍ନ ।ନବୀନ ପଟ୍ଟନାୟକଙ୍କୁ ବିଧାନସଭା ଗୃହକୁ ପାଛୋଟି ନେବାକୁ ଅପେକ୍ଷା କରିଥିଲେ ବିଜେଡିର କିଛି ବିଧାୟକ। ସେମାନଙ୍କ ମଧ୍ୟରେ ଥିଲେ ଚମ୍ପୁଆ ବିଧାୟକ ସନାତନ ମହାକୁଡ। ନବୀନ କାରରୁ ଓହ୍ଲାଇ ଗୃହ ଭିତରକୁ ଯାଉଥିବା ବେଳେ ତାଙ୍କ ନଜର ପଡିଥିଲା ସନାତନଙ୍କ ଉପରେ। ତାଙ୍କୁ ଦେଖି ନବୀନ ତାଗିଦ କରିବା ଶୈଳୀରେ ପଚାରିଥିଲେ ଯେ ଗତକାଲି ସେ କାହିଁକି ବିଜେଡି ବିଧାୟକ ଦଳ ବୈଠକକୁ ଆସି ନଥିଲେ। ଉତ୍ତରରେ ଅସୁସ୍ଥ ଥିଲେ ବୋଲି କହିଥିଲେ ସନାତନ ମହାକୁଡ। ତାଙ୍କର ଏହି ଉତ୍ତରରେ ନବୀନ ସନ୍ତୁଷ୍ଟ ହେଲା ଭଳି ଲାଗି ନଥିଲେ। ଏହା ପରେ ଆଗକୁ ବଢୁଥିବା ବେଳେ ନବୀନ ପୁଣି ଅଟକି ଯାଇ 'ବିଜେପି ଆଡକୁ ଯାଉଛନ୍ତି କି' ବୋଲି ସନାତନଙ୍କୁ ପଚାରିଥିଲେ। ନବୀନ ତାଙ୍କୁ ଏହି ପ୍ରଶ୍ନ କଲା ବେଳେ ସେଠାରେ କିଛି ବିଜେଡି ବିଧାୟକଙ୍କ ସହିତ ସୁରକ୍ଷାକର୍ମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସାଧାରଣ ନିର୍ବାଚନ ପରଠାରୁ ବିଜେଡି ଭାଙ୍ଗି ଯିବ ବୋଲି ଆଲୋଚନା ହେଉଛି। ବିଭିନ୍ନ ସମୟରେ କିଛି ବିଜେଡି ବିଧାୟକ ଓ ରାଜ୍ୟସଭା ସାଂସଦ ବିଜେପିରେ ମିଶିବା ନେଇ ଚର୍ଚ୍ଚା ହୋଇଛି। ଅନେକ ସମୟରେ ଅନେକ ବିଜେପି ନେତା କହିଛନ୍ତି ଯେ ବିଜେଡି ଭାଙ୍ଗିବ ଓ ତାଙ୍କ ନେତାମାନେ ବିଜେପିରେ ମିଶିବାକୁ ପ୍ରସ୍ତୁତ ହୋଇ ବସିଛନ୍ତି। ଅନେକ ସମୟରେ ବିଭିନ୍ନ ସ୍ଥାନରେ ବିଜେଡି ନେତାଙ୍କ ମେଳି ଏଭଳି ଆଲୋଚନାକୁ ଖୋରାକ ଯୋଗାଇଛି। ଏମିତିକି କଟକରେ କିଛି ବିଜେଡି ନେତା ଏକାଠି ହୋଇଥିବା ବେଳେ ସେଭଳି ମେଳି ନ କରିବାକୁ ନବୀନ ଫୋନ୍ କରି ତାଗିଦ କରିଥିଲେ ବୋଲି ଖବର ଆସିଥିଲା। ଆଉ ଆଜି ସର୍ବସମ୍ମୁଖରେ ବରିଷ୍ଠ ବିଧାୟକ ସନାତନ ମହାକୁଡଙ୍କୁ ସେ ବିଜେପି ଆଡକୁ ଯାଉଛନ୍ତି କି ବୋଲି ପଚାରିବା ପରେ ଆଲୋଚନା ହେଉଛନ୍ତି ଯେ ନବୀନ ଭୟଭୀତ ଅଛନ୍ତି କି ? ଦଳ ଭାଙ୍ଗି ଯିବ ବୋଲି ସେ ମଧ୍ୟ ଆଶଙ୍କା କରୁଛନ୍ତି କି ?

## ମହାକୁମ୍ଭରେ ପଡିପାରିଲା ନାହିଁ ପାଦ, ଓଡିଶାରୁ ଯାଉଥିବା ଶ୍ରଦ୍ଧାଳୁ ବସ୍ ବିହାରରେ ଓଲଟିଲା

ପାଟନା, ୧୩।୨(ପି.ଏନ): ବିହାରରେ ଓଲଟିଲା ଓଡିଶା ବସ୍ । ବିହାର ମୁହାନିଆରେ ଓଲଟିଲା ଓଡିଶା ବସ୍ ।ଯାତ୍ରୀବାହୀ ବସ୍ ଓଲଟିବା ଯୋଗୁ ୩୫ ଯାତ୍ରୀ ଆହତ ହୋଇଥିବାବେଳେ ୩ ଗୁରୁତର ଥିବା ଜଣାପଡିଛି ।ଉଭୟ ଆହତ ଓ ଗୁରୁତରମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉତ୍ତର ପ୍ରଦେଶ ପ୍ରୟାଗରାଜରେ ଅନୁଷ୍ଠିତ କୁମ୍ଭମେଳାକୁ ବସଟି ଯାତ୍ରୀ ନେଇ ଯାଉଥିବା ସୂଚନା ।ଭୋଗରାଇରୁ ୭୦ ଯାତ୍ରୀ କୁମ୍ଭମେଳା ଯାଉଥିଲେ ।

## ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ



ଭୁବନେଶ୍ୱର, ୧୩।୨(ପି.ଏନ): ମଣିପୁରରେ ଆଜି ସନ୍ଧ୍ୟାରୁ ଲାଗୁ ହୋଇଛି ରାଷ୍ଟ୍ରପତି ଶାସନ। ଏନ୍ ? ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ୪ ଦିନ ପରେ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ଏହା ସହିତ ୧୯୫୧ରୁ ଏପର୍ଯ୍ୟନ୍ତ ମଣିପୁରରେ ଏକାଦଶ ଥର ପାଇଁ ଜାରି ହୋଇଛି ରାଷ୍ଟ୍ରପତି ଶାସନ ।ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ରାଜ୍ୟପାଳଙ୍କ ପାଖରୁ ଏକ ରିପୋର୍ଟ ପାଇବା ପରେ ଏବଂ ମୋ ଦ୍ୱାରା ପ୍ରାପ୍ତ ରିପୋର୍ଟ ଓ ଅନ୍ୟାନ୍ୟ ସୂଚନାକୁ ବିଚାର କରିବା ପରେ ମୁଁ ସନ୍ତୁଷ୍ଟ ହେଲି ଯେ ଏପରି ଏକ ସ୍ଥିତି ସୃଷ୍ଟି ହେଇଛି ଯେଉଁଥିରେ ସେହି ରାଜ୍ୟର ସରକାର ଭାରତର ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଚାଲିପାରିବ ନାହିଁ। ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ନେଇ ବିଜେପି ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ନପାଇବାରୁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିବା ଜଣାପଡିଛି। ମଣିପୁରର ପ୍ରଭାରୀ ଦାୟିତ୍ୱରେ ଥିବା ସାଂସଦ ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ଇମ୍ଫାଲରେ ବିଜେପି ବିଧାୟକମାନଙ୍କ ବୈଠକ ବସିଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ଚୟନ ନେଇ କୌଣସି ନିଷ୍ପତ୍ତି ହୋଇପାରି ନଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରୁ ଫେରିବା ପରେ ମଣିପୁର ପାଇଁ ମୁଖ୍ୟମନ୍ତ୍ରୀ ଚୟନ କରାଯିବ ବୋଲି ସୂଚନା ମିଳିଛି। କିନ୍ତୁ ତା' ଭିତରେ ଏକ ସାମ୍ବିଧାନିକ ସଙ୍କଟ ଦେଖାଯାଇଥିଲା। ସେଥିପାଇଁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ସମ୍ବିଧାନର ଧାରା ୧୭୪ (୧)ରେ କୁହାଯାଇଛି, ବିଧାନସଭାର ଗୋଟିଏ ଅଧିବେଶନ ଶେଷ ହେବାର ୬ ମାସ ମଧ୍ୟରେ ଆଉ ଏକ ଅଧିବେଶନ ନିଶ୍ଚିତ ବସିବ। ମଣିପୁର ବିଧାନସଭାର ଶେଷ ଅଧିବେଶନ ୨୦୨୪ ଅଗଷ୍ଟ ୧୨ ତାରିଖରେ ବସିଥିବା ବେଳେ ବୁଧବାର (ଗତକାଲି) ଭିତରେ ନୂଆ ଅଧିବେଶନ ବସିବା କଥା। ଗତ ସୋମବାରଠାରୁ ମଣିପୁର ବିଧାନସଭାର ବଜେଟ୍ ଅଧିବେଶନ ବସିବାକୁ ସ୍ଥିର କରାଯାଇଥିବା ବେଳେ ଗତ ରବିବାର ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାରୁ ରାଜ୍ୟପାଳ ଏହାକୁ ସ୍ଥଗିତ କରି ଦେଇଥିଲେ। ବିଧାନସଭା ଅଧିବେଶନ ବସିବାର ସମୟ ସୀମା ପାର ହୋଇଯିବାରୁ ଆଜି ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ବିଧାନସଭାର ବଜେଟ ଅଧିବେଶନ ବସିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଗତ ୯ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଏନ୍ ? ବୀରେନ ସିଂହ। କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଧମକ ଦେବା ପରେ ସେ ଇସ୍ତଫା ଦେଇଥିଲେ ବୋଲି କୁହାଯାଉଛି। ମଣିପୁରରେ ଆଦିବାସୀ ଓ ଅଣ ଆଦିବାସୀ ମଧ୍ୟରେ ସଂଘର୍ଷ ଆରମ୍ଭ ହେବାର ପ୍ରାୟ ୨ ବର୍ଷ ପରେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ୨୦୨୩ ମେ'ରୁ ମଣିପୁର ଅଶାନ୍ତ ହୋଇଥିବା ବେଳେ ଏନ୍ ? ବୀରେନ ସିଂହଙ୍କ ଉପରେ ବିରୋଧୀଙ୍କ ପକ୍ଷରୁ କ୍ରମଶଃ ଚାପ ବଢ଼ି ଚାଲିଥିଲା। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାକୁ ସେମାନେ ଦାବି କରି ଆସୁଥିଲେ ।ଏସବୁ ଭିତରେ ଏନ ବୀରେନ ସିଂହଙ୍କର ଗୋଟିଏ ତଥାକଥିତ ଭାଇରାଲ ଅଡିଓ ତାଙ୍କୁ ଅଡ଼ୁଆରେ ପକାଇଥିଲା। ଏହି ଭାଇରାଲ ଅଡିଓରେ ସେ ମଣିପୁର ହିଂସାକୁ ଉସକାଇବା ଭଳି ବୟାନ ଦେଉଥିବା ଦାବି କରାଯାଇଛି। କୁକି ସଂପ୍ରଦାୟ ପକ୍ଷରୁ ଏହି ଅଡିଓ କ୍ଲିପକୁ ଆଧାର କରି ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରି ସରକାରୀ ଫରେନ୍ସିକ ଲ୍ୟାବ୍‌ରୋଟରୀ ସିଏଫଏସ୍‌ଏଲକୁ ଅଡିଓ କ୍ଲିପର ସତ୍ୟତା ଉପରେ ରିପୋର୍ଟ ଦେବାକୁ କହିଥିଲେ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଆସିବାର ୬ ଦିନ ପରେ ବୀରେନ ସିଂହ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ।

## ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା

ତିଗିରିଆ, ୧୩।୨(ପି.ଏନ): ତିଗିରିଆ ବ୍ଲକରେ ବିଜେଡିର ବରିଷ୍ଠ ନେତା ତଥା ୮ ଥରର ବିଧାୟକ ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାକୁ ବିଜେଡିର ନିନ୍ଦା । ଜଣେ ଦୁଇ ଜଣ ଅଭିଯୁକ୍ତକୁ ଧରି ପୋଲିସ ନିରବ ରହିଛି । ଏହି ଆକ୍ରମଣରେ ଅନେକ ଲୋକ ସାମିଲ ଅଛନ୍ତି । ବିଜେପି ନେତାଙ୍କ ଇସାରାରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଆକ୍ରମଣ କରାଯାଇଛି ବୋଲି ଦଳ ଅଭିଯୋଗ କରିଛି ।ସେହି ବିଜେପି ନେତା କିଏ ? ଓଡ଼ିଶାର ଗୃହମନ୍ତ୍ରୀ ଓ ତଥା ମୁଖ୍ୟମନ୍ତ୍ରୀ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖନ୍ତୁ । ବିଧାନସଭାର ସଦସ୍ୟଙ୍କ ଉପରେ ଆକ୍ରମଣ ହୋଇଛି । ତେଣୁ ବାଚସ୍ପତି କାର୍ଯ୍ୟନୁଷ୍ଠାନ ନିଅନ୍ତୁ। ଏପରି ଗୁଣ୍ଡାରାଜ, ବିଶୃଙ୍ଖଳା, ହତ୍ୟା, ଅପରାଧ ରାଜ୍ୟରେ ବଢ଼ିଛି ଚାଲିଛି । ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଛି । ଖୁଣ୍ଟୁଣି ପଞ୍ଚାୟତର ଜଣେ ସରକାରୀ କର୍ମଚାରୀଙ୍କ ଉପରେ ବି ବିଜେପି ନେତା ଆକ୍ରମଣ କରିଛନ୍ତି । ତେଣୁ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ପୋଲିସ ଉପରେ ବିଜେପି ଚାପ ପକାଉଥିବା ଅଭିଯୋଗ କରିଛି ବିଜେଡି । ତେଣୁ ଏ ଶାସନରେ ଥାନା ଅଧିକାରୀ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ବି ଅସନ୍ତୁଷ୍ଟ ଅଛନ୍ତି ବୋଲି କହିଛି ବିଜେଡି ।

## ଥାନା ବାରାକ୍‌ରେ କନଷ୍ଟେବଲଙ୍କ ସନ୍ଦେହଜନକ ମୃତ୍ୟୁ

ସୁବର୍ଣ୍ଣପୁର, ୧୩।୨(ପି.ଏନ): ବିନିକା ଥାନା ବାରାକ୍‌ରେ କନଷ୍ଟେବଲଙ୍କ ସନ୍ଦେହଜନକ ମୃତ୍ୟୁ। ପାପକ୍ଷୟ ମହୋତ୍ସବ ପାଇଁ ବିନିକାକୁ ଡ୍ୟୁଟିରେ ଆସିଥିଲେ। ମୃତ କନଷ୍ଟେବଲ୍ ସୁବର୍ଣ୍ଣପୁର ଥାନାର ଦିଲ୍ଲୀପ ମିଶ୍ର ।ସୂଚନା ଅନୁଯାୟୀ କନେଷ୍ଟବଳ ଦିଲୀପ ମିଶ୍ର ବିନିକାରେ ଅନୁଷ୍ଠିତ ପାପକ୍ଷୟ ମହୋତ୍ସବରେ ଡ୍ୟୁଟି କରିବାକୁ ସୋନପୁରରୁ ଆସିଥିଲେ। ଗତକାଲି ବି ସେ ଡ୍ୟୁଟିକୁ ଯାଇଥିଲେ।









# ଛାଡ଼ପତ୍ର ଫଟୋସୁଟ୍ !

ଆଜିକାଲି ବିଭିନ୍ନ ଅବସରରେ ଫଟୋସୁଟ୍‌ର ଟ୍ରେଣ୍ଡ୍ ଚାଲିଛି। ବିବାହ ପୂର୍ବରୁ ପ୍ରି-ୱେଡିଂ ଫଟୋସୁଟ୍ ଓ ମାତୃତ୍ୱର ବିଭିନ୍ନ ପର୍ଯ୍ୟାୟର ଫଟୋସୁଟ୍ ଗତ କିଛି ବର୍ଷରେ ବେଶ୍ ଲୋକପ୍ରିୟ ହୋଇଛି। ତେବେ ଜଣେ ମହିଳା ଏବେ ଏକ ଅଜବ ଧରଣର ଫଟୋସୁଟ୍ କରି ନୂଆ ଟ୍ରେଣ୍ଡ୍ ପାଇଁ ଆହ୍ୱାନ ଦେଇଛନ୍ତି; ଯଦିଓ ତାହାକୁ ଅନୁକରଣ କରାଯିବାର ସମ୍ଭାବନା କମ୍। ଲୌରେନ୍ ବ୍ରୁକ୍ ନାମ୍ନୀ ଆମେରିକୀୟ ମହିଳା ଏକ ଚିତାକର୍ଷକ ଲାଲ ପୋଷାକ ପିନ୍ଧି ଏହି ଫଟୋସୁଟ୍ କରିଛନ୍ତି। ବିଭିନ୍ନ ଫଟୋରେ ସେ ନିଜ ବିବାହ ବେଳର ଫଟୋ ଫ୍ରେମ୍‌କୁ ହିଲ୍‌ରେ ଭାଙ୍ଗୁଥିବା, ସାମ୍ପେନ୍ ବୋତଲ୍ ଖୋଲି ଖୁସି ମନାଉଥିବା, ବିବାହ ପୋଷାକ ଓ ପୂର୍ବ ସ୍ୱାମୀଙ୍କ ଫଟୋରେ ନିଆଁ ଲଗାଉଥିବା ଭଙ୍ଗୀରେ ଦେଖାଯାଉଛନ୍ତି। ଏ ଫଟୋସୁଟ୍ ଜରିଆରେ ସେ ସମାଜକୁ ଯେଉଁ ବାର୍ତା ଦେବାକୁ ଚାହିଁଛନ୍ତି ତାହା ହେଲା, ଅସୁଖୀ ବିବାହରେ ରହିବା ପରିବର୍ତେ ଛାଡ଼ପତ୍ର ଶ୍ରେୟସ୍କର; ଛାଡ଼ପତ୍ରକୁ ନେଇ ଅଧିକ ଦୁଃଖ କରିବାର କୌଣସି କାରଣ ନାହିଁ।

# କିନ୍ନରଙ୍କ ମୃତ୍ୟୁ ପରେ ବୟସ୍କ କିନ୍ନରଙ୍କ ସପ୍ତାହେ ବ୍ରତ କରନ୍ତି

ଦୁନିଆରେ କେତେ ଧର୍ମ ଓ ଜାତିର ଲୋକମାନେ ରହିଥାନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୩ଟି ଲିଙ୍ଗ ହେଉଛି ପୁରୁଷ, ମହିଳା ଓ କିନ୍ନର। ସମସ୍ତେ ନିଜ ସଂସ୍କାରକୁ ପାଳନ କରିବା ସହିତ ନିଜ ଜୀବନକୁ ନିଜ ଇଚ୍ଛାରେ ବଂଚିବାକୁ ଚାହିଁଥାନ୍ତି। ସମସ୍ତଙ୍କର କାମ କରିବାର ଢ଼ଙ୍ଗ ଏବଂ ଜୀବନ ଶୈଳୀ ଭିନ୍ନ ଭିନ୍ନ ହୋଇଥାଏ। ଆଜି ଆମେ କିନ୍ନରମାନଙ୍କ ଜୀବନଶୈଳୀର ଏକ ସତ ଘଟଣା ବିଷୟରେ କହିବାକୁ ଚାହୁଁଛୁ। ଯେଉଁ କଥାକୁ ଅଧିକାଂଶ ଲୋକ ଜାଣିନଥିବେ। ଏହି କିନ୍ନରମାନଙ୍କ ଚାଲିଚଳଣ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ସବୁଠାରୁ ବଡ କଥା ହେଲା କିନ୍ନରଙ୍କ ଅନ୍ତିମ ସଂସ୍କାର ଅନ୍ୟମାନଙ୍କ ଠାରୁ ଭିନ୍ନ ରହିଥାଏ। କୁହାଯାଏ ଯେ, କିନ୍ନରଙ୍କ ପାଖରେ ଆଧ୍ୟାତ୍ମିକ ଶକ୍ତି ରହିଥାଏ। ଯାହାଫଳରେ ତାଙ୍କୁ ନିଜର ମୃତ୍ୟୁର ଆଭାସ ହୋଇଯାଇଥାଏ। ମୃତ୍ୟୁ ହେବାର ଜାଣିବା ପରେ କିନ୍ନରମାନେ କୁଆଡେ ଯିବା ଆସିବା କରିବା ସହ ଖାଦ୍ୟ ଖାଇବା ମଧ୍ୟ ବନ୍ଦ କରିଦେଇଥାନ୍ତି । ଏହି ସମୟରେ କେବଳ ପାଣି ପିଇଥାନ୍ତି ଓ ଈଶ୍ୱରଙ୍କୁ ନିଜର ଏବଂ ଅନ୍ୟ କିନ୍ନରଙ୍କ ପାଇଁ ପ୍ରାର୍ଥନା କରିଥାନ୍ତି ଆଗାମୀ ଜନ୍ମରେ ଯେପରି ସେମାନେ କିନ୍ନର ହୋଇ ଜନ୍ମ ନ ନିଅନ୍ତି। ଏପରିକି ଆଖପାଖର ଏବଂ ଦୂରରୁ କିନ୍ନରମାନେ ମରୁଥିବା କିନ୍ନରଙ୍କ ଆର୍ଶୀବାଦ ନେବାକୁ ଆସିଥାନ୍ତି। କୁହାଯାଏ ଯେ, ମୃତ୍ୟୁ ଶର୍ଯ୍ୟା ନିକଟରେ କିନ୍ନରଙ୍କ ପ୍ରାର୍ଥନା ଖୁବ୍ ପ୍ରଭାବଶାଳି ରହିଥାଏ । ଶବଯାତ୍ରା ବେଳେ ଶବକୁ ଚାରି କାନ୍ଧରେ ପକାଇ ନେବାର ପରମ୍ପରା ଠାରୁ ଅଲଗା। କୁହାଯାଏ ଯେ, ସାଧାରଣ ଲୋକ ଯଦି କେହି ମୃତ କିନ୍ନରଙ୍କୁ ଦେଖିଦିଏ ତେବେ ମୃତକ ପୁଣିଥରେ ଆରଜନ୍ମରେ କିନ୍ନର ଭାବରେ ଜନ୍ମ ହୋଇଥାଏ। କେହି ଯେପରି ବାହାର ଲୋକ ଦେଖି ନ ପାରିବେ ସେଥିପାଇଁ କିନ୍ନରମାନେ ବିଳମ୍ବିତ ରାତିରେ ଅନ୍ତିମ ସଂସ୍କାର କରିଥାନ୍ତି। ଯଦି ସେମାନେ ଜାଣିପାରନ୍ତି ବାହାର ଲୋକ କେହି ତାଙ୍କର ଅନ୍ତିମ ସଂସ୍କାର ଦେଖୁଛନ୍ତି ତେବେ ସେହି ବ୍ୟକ୍ତି ପାଇଁ ଏହା ଖୁବ ବିପଦଜନକ। କିନ୍ନରମାନେ ନିଜେ ତାଙ୍କର ଜୀବନକୁ ଏତେ ଅଭିଶପ୍ତ ମାନିଥାନ୍ତି ଯେ, ଶବଯାତ୍ରା ପୂର୍ବରୁ ମୃତକଙ୍କୁ ଯୋତା-ଚପଲରେ ପିଟିଥାନ୍ତି ଓ ଗାଳି ମଧ୍ୟ ଦେଇଥାନ୍ତି ଯାହାଫଳରେ ମୃତ କିନ୍ନର ଯଦି ଜୀବିତ ଅବସ୍ଥାରେ କିଛି ଅପରାଧ କରିଥାଏ ତା’ର ପ୍ରାୟଶ୍ଚିତ ହୋଇଯିବ ଓ ଆର ଜନ୍ମରେ ସାଧାରଣ ମଣିଷର ଜନ୍ମ ମିଳିପାରିବ। ନିଜ ସମୁଦାୟର ଗୋଟିଏ ବି କିନ୍ନର ମୃତ୍ୟୁ ପରେ ବୟସ୍କ କିନ୍ନରଙ୍କ ସମୁଦାୟ ୧ ସପ୍ତାହ ପର୍ଯ୍ୟନ୍ତ ବ୍ରତ କରିଥାନ୍ତି ଓ ମୃତକଙ୍କ ପାଇଁ ପ୍ରାର୍ଥନା କରିଥାନ୍ତି। କିନ୍ନରଙ୍କ ଶବକୁ ପୋଡିବା ବଦଳରେ ପୋତା ଯାଇଥାଏ। ଅନ୍ତିମ ସଂସ୍କାର ଗୁପ୍ତ ଏବଂ ସାଧାସିଧା ଭାବରେ କରାଯାଇଥାଏ। ଶବକୁ ଧଳା କପଡାରେ ଗୁଡାଇ ନେଇଥାଏ। ଏହାର ପ୍ରତୀକ ହେଉଛି ମୃତକର ଏହି ଶରୀର ଓ ଏହି ଦୁନିଆଠାରୁ ସବୁ ସମ୍ପର୍କ ତୁଟି ସାରିଛି। ପାଟିରେ ପବିତ୍ର ଗଙ୍ଗାଜଳ ଦେବାର ମଧ୍ୟ ପରମ୍ପରା ରହିଛି।



# ହନି ସିଂ ଏବଂ ଟିନା ଥଡାନୀଙ୍କ ବ୍ରେକଅପ୍

ଗୋଟିଏ ପଟେ ଗାୟକ ତଥା ରାପର ହନି ସିଂ। ତାଙ୍କର ସମସ୍ତ ଗୀତରେ ପ୍ରଶଂସକଙ୍କ ନାଚି ଉଠନ୍ତି। ଅନ୍ୟପକ୍ଷରେ ସେ ଅନେକ ଥର ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ରୁହନ୍ତି। ହନି ସିଂ କିଛି ସମୟ ପୂର୍ବରୁ ଅଭିନେତ୍ରୀ-ମଡେଲ ଟିନା ଥଡାନୀଙ୍କ ସହ ସମ୍ପର୍କରେ ଥିବା ନେଇ କନଫର୍ମ କରିଥିଲେ। କିନ୍ତୁ ଏବେ ଲାଗୁଛି ଯେ ସେମାନଙ୍କ ସମ୍ପର୍କ ବେଶି ଦିନ ଚାଲି ପାରିଲା ନାହିଁ। ରିପୋର୍ଟ ଅନୁଯାୟୀ, ହନି ସିଂ ଏବଂ ଟିନା ଥଡାନି ଉଭୟ ଅଲଗା ରହୁଛନ୍ତି। କେବଳ ଏତିକି ନୁହେଁ ଦୁହେଁ ମଧ୍ୟ ପରସ୍ପରକୁ ସୋସିଆଲ ମିଡିଆରେ ଅନଫଲୋ ମଧ୍ୟ କରିଛନ୍ତି। ଏହା ସହିତ ସୋସିଆଲ ମିଡିଆରେ ସେମାନଙ୍କର ଫଟୋକୁ ଡିଲିଟ୍ କରି ସାରିଛନ୍ତି। ଏଭଳି ପରିସ୍ଥିତିରେ ଉଭୟଙ୍କ ବ୍ରେକଅପ୍ ହେବାର ଖବରକୁ ନେଇ ଆଲୋଚନା ହୋଇଛି। ହେଲେ ଏହାର କାରଣ ବିଷୟରେ କିଛି କୁହାଯାଇ ନାହିଁ। ରିପୋର୍ଟରେ ଏକ ସୂତ୍ରରୁ ପ୍ରକାଶ ଯେ, ସେମାନେ ଜୀବନରେ ଭିନ୍ନ ଜିନିଷ ଚାହାଁନ୍ତି, ଏବଂ ଉଭୟ ବ୍ରେକ୍‌ଅପ୍ ସହିତ ବହୁତ ମ୍ୟାଚର ଭାବରେ କରିଛନ୍ତି। ଟିନାଙ୍କର ହୃଦୟ ଭାଙ୍ଗିଛି ସେ ବର୍ତମାନ କେବଳ କାର୍ଯ୍ୟ ଉପରେ ଧ୍ୟାନ ଦେଉଛନ୍ତି। ଅନ୍ୟପକ୍ଷରେ, ହନି ସିଂ ବ୍ରେକଅପ୍ ବିଷୟରେ କହିବାକୁ ଦ୍ୱିଧା କରି ନାହିଁ ଏବଂ ସମସ୍ତଙ୍କୁ ଏ ବିଷୟରେ କହିଛନ୍ତି। ଏଥି ସହିତ, ଯେତେବେଳେ ଟିନାଙ୍କ ସହ ଏ ବିଷୟରେ କଥାବାର୍ତା କରିବାକୁ ଚେଷ୍ଟା କରାଯାଇଥିଲା, ସେତେବେଳେ ସେ କହିଥିଲେ ଯେ ମୁଁ ଏହା ବିଷୟରେ କିଛି କହିବାକୁ ଚାହେଁ ନାହିଁ।



ଫ୍ୟାଶନେବଲ୍ ଅବତାର ଜରିଆରେ ସର୍ବଦା ଫ୍ୟାନ୍‌ଙ୍କ ଧ୍ୟାନ ଆକର୍ଷଣ କରିଥାନ୍ତି କିଆରା ଆଡ଼ଭାନି। ନିକଟରେ ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଲାଲ୍ ପୋଷାକରେ ସେ ସବୁରି ମନ କିଣିଛନ୍ତି। ତାଙ୍କ ରେଡ୍ ଓ ସ୍ପାଇସି ଲୁକ୍ ଏବେ ଇଣ୍ଟରନେଟ୍‌ରେ ଭାଇରାଲ ହେଉଛି। ଇନ୍‌ଷ୍ଟାଗ୍ରାମ୍‌ରେ ନିଜ ରେଡ୍ ଆଣ୍ଡ ହଟ୍ ଲୁକ୍‌ର ଫଟୋ ଶେୟାର କରି ୟୁଜରଙ୍କୁ ଶୁଭରାତ୍ରି କହିଛନ୍ତି କିଆରା। ଫଟୋ ଦେଖିବା ପରଠୁ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟୁଛି। କିଆରା ଏବେ ‘ସତ୍ୟପ୍ରେମ୍ କି କଥା’ର ସୁଟିଂରେ ବ୍ୟସ୍ତ ଅଛନ୍ତି। ସମୀର ବିଦ୍ୱାନଙ୍କ ନିର୍ଦ୍ଦେଶନାରେ ନିର୍ମାଣାଧୀନ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ସାଜିଦ ନାଦିଆଦୱାଲା। ଆସନ୍ତା ଜୁନ୍ ୨୯ ତାରିଖରେ ଏହା ମୁକ୍ତିଲାଭ କରିବ। ଏହି ଫିଲ୍ମ ଜରିଆରେ ପୁଣି ଥରେ କାର୍ତିକ ଓ କିଆରାଙ୍କ ଅନ୍‌ସ୍କ୍ରିନ୍ ରୋମାନ୍ସ ଦେଖିବାକୁ ପାଇବେ ଦର୍ଶକ। ଏହା ପୂର୍ବରୁ ଗତ ବର୍ଷ ମୁକ୍ତିପ୍ରାପ୍ତ ‘ଭୂଲ୍ ଭୁଲୈୟା-୨’ରେ ଦୁହିଁଙ୍କ କେମିଷ୍ଟ୍ରି ଦେଖିବାକୁ ମିଳିଥିଲା। ଫିଲ୍ମର ଟାଇଟଲ୍ ପୂର୍ବରୁ ‘ସତ୍ୟନାରାୟଣ କି କଥା’ ଥିଲା। କିନ୍ତୁ ବିବାଦ ଘେରକୁ ଆସିବା ପରେ ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ଟାଇଟଲ୍ ପରିବର୍ତନ କରାଯାଇଛି। ଆଗକୁ ସାଉଥ୍ ଷ୍ଟାର ରାମ ଚରଣଙ୍କ ସହ ଫିଲ୍ମ ‘ଗେମ୍ ଚେଞ୍ଜର’ରେ ମଧ୍ୟ ନଜର ଆସିବେ କିଆରା।

# ‘ସତ୍ୟପ୍ରେମ୍ କି କଥା’ କାର୍ତିକ-କିଆରା




# ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ

ବାରିପଦା,(ପି.ଏନ): ବାରିପଦାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭବନର ସଭାଗୃହରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆବାହକ ବିରବଲ୍ ସିଂଙ୍କ ଆବାହକତ୍ୱରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକ ପ୍ରାରମ୍ଭରେ ଓଡ଼ିଶା ସରକାରଙ୍କୁ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ପ୍ରସଂଶା କରାଯାଇଛି ।୩୧ ଡିସେମ୍ବର ୨୦୨୪ (ମଙ୍ଗଳବାର) ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସରକାରଙ୍କ ନବଗଠିତ ଜନଜାତି ଉପଦେଷ୍ଟା ପରିଷଦ (ଟି ଏ ସି) ର ପ୍ରଥମ ବୈଠକରେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ପ୍ରସ୍ତାବ ଗୃହୀତ ହୋଇଥିବାରୁ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ଓଡ଼ିଶା ସରକାରଙ୍କୁ ଅଶେଷ ଧନ୍ୟବାଦ ।ମୁଣ୍ଡାରୀ ଭାଷାକୁ ଯଥାଶୀଘ୍ର ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଗଲେ ଭାରତର ସମସ୍ତ ମୁଣ୍ଡାରୀ ଭାଷାଭାଷୀ



ଲୋକ ଚିରୋପକୃତ ହେବେ ।୨୦୨୩ ଜୁଲାଇ ୧୧ ତାରିଖ ଦିନ ଅନୁଷ୍ଠିତ ଜନଜାତି ଉପଦେଷ୍ଟା ପରିଷଦ (ଟି ଏ ସି) ବୈଠକରେ ହୋ, କୁଇ ଏବଂ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ନିମନ୍ତେ ସୁପାରିଶ କରାଯାଇଥିଲା ।କିନ୍ତୁ ମୁଣ୍ଡାରୀ ଭାଷାକୁ ସୁପାରିଶ କରାଯାଇ ନଥିଲା ।ଫଳରେ ମୁଣ୍ଡାରୀ ଭାଷାଭାଷୀ ଲୋକମାନେ ଅସନ୍ତୋଷ ପ୍ରକାଶ କରି ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଗଠିତ ହେଲା, 'ମୁଣ୍ଡାରୀ ଭାଷା ସମନ୍ୱୟ କମିଟି' (ଏମ ଏଲ ସିସି) ।ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ତୃଣମୂଳ ସ୍ତରରେ ମୁଣ୍ଡାରୀ ଭାଷା ଆନ୍ଦୋଳନର ସଚେତନତା ବୈଠକ ଆୟୋଜନ କରାଯାଇଥିଲା ।ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ଗ୍ରାମରେ ମୁଣ୍ଡାରୀ ରବିବାର ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ୬ ରୁ ୧୪ ବର୍ଷ ବୟସର ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ମୁଣ୍ଡାରୀ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି ।୨୦୨୩ ନଭେମ୍ବର ୧୫ ତାରିଖ ବାରିପଦାରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା । ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ନିମନ୍ତେ ନୂଆ ସରକାରର ବିଧାୟକ, ମନ୍ତ୍ରୀ, ସାଂସଦ ମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।ଏସବୁର ଫଳ ସ୍ୱରୂପ ନୂତନ ସରକାରର ଜନଜାତି ଉପଦେଷ୍ଟା ପରିଷଦ (ଟି ଏ ସି) ବୈଠକରେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବ ଗୃହୀତ ହୋଇଛି । ଗତ ୩୧/୧୨/୨୦୨୪ ରିଖ ଦୈନିକ ପ୍ରଗତିବାଦୀରେ ପ୍ରକାଶିତ ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ 'ଆଦିବାସୀ ଭାଷା ଲାଗି ଓଡିଆ ଅକ୍ଷର' ଶୀର୍ଷକ ଲେଖା ଉପରେ ତର୍ଜମା କରାଯାଇଥିଲା ଏବଂ ଏଭଳି ବିବାଦୀୟ ମନ୍ତବ୍ୟ ପାଇଁ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ନିନ୍ଦା କରାଯାଇଛି । ଏଥିପାଇଁ ତାଙ୍କର ବିବାଦୀୟ ଆଲେଖ୍ୟ ପାଇଁ କମିଟି ତରଫରୁ ତାଙ୍କ ନାମରେ ଏତଲା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ଜିଲ୍ଲା ସମ୍ପାଦକ ବୁଧୂଆ ସିଂ, ପର୍ଯ୍ୟବେକ୍ଷକ ଶଶିଧର ସିଂ, ଅଜିତ କୁମାର ସିଂ, ବେତନଟୀ ବ୍ଲକ ଆବାହକ ତପନ ସିଂ, ବଡ଼ସାହି ବ୍ଲକ ସମ୍ପାଦିକା ଶାନ୍ତିଲତା ସିଂ ଏବଂ କମିଟିର ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ ।

# ଅଭାବୀଙ୍କୁ ଶୀତବସ୍ତ୍ର ବଣ୍ଟନ କଲା ଭରସା ପରିବାର



କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କୁଡିପଶା ଗ୍ରାମପଞ୍ଚାୟତ ଦୁଆରଶୁଣି ଗ୍ରାମର ବୃଦ୍ଧବୃଦ୍ଧାଙ୍କୁ ୫୦ ଖଣ୍ଡ କମ୍ବଳ ବଣ୍ଟନ କଲେ ଭରସା ପରିବାରର ପ୍ରମୁଖ କର୍ମକର୍ତ୍ତା । ଅସହାୟ ଓ ଅଭାବୀଙ୍କ ପାଇଁ ସବୁବେଳେ ଛିଡା ହେଉଥିବା ପ୍ରମୁଖ ସମାଜସେବୀ ସଂଗଠନ ଭରସା ପରିବାରର ପ୍ରତିଷ୍ଠାତା ତଥା ସଭାପତି ଲମ୍ବୋଦର ମହାନ୍ତଙ୍କ ଆହ୍ୱାନକ୍ରମେ ଜିଲ୍ଲା ସଂଯୋଜକ ଶୁନ୍ୟରଞ୍ଜନ ଘଣା, ଉପଦେଷ୍ଟା ହୃଦାନନ୍ଦ ସେଠୀ, ମନରଞ୍ଜନ ସାହୁ, ଶିବଶଙ୍କର ବାନାର୍ଜୀ ଓ ସୁକୁନା ଜୁଆଙ୍ଗ ପ୍ରମୁଖ ସମାଜରୁ ମୁଖ୍ୟ ସ୍ରୋତରୁ ନିମ୍ନରେ ଥିବା ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ବିଧବା ଅସହାୟ ମହିଳା ତଥା ଅନ୍ୟ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କଲେ ଭରସା ପରିବାରର ପ୍ରମୁଖ କର୍ମକର୍ତ୍ତା । ଏପରି ମହତ୍ କାମ ଏବଂ କେନ୍ଦୁଝରରେ ହେଉଥିବା ହାଡଭଙ୍ଗା ଥଣ୍ଡା ଥିବା ଦେଖି ଅଗ୍ରଣୀ ଭାରସ ପରିବାର ସବୁ ବେଳେ ଦୁଃଖୀ ରଙ୍କି ଲୋକଙ୍କୁ ସହାୟତା ର ହାତ ବଢ଼ାଇଥାଏ, ଯାହାକି ଆଜି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି ଯେ ମାନବ ସେବା ହିଁ ମାଧବ ସେବା ର ଉଦାହରଣ କରି ଚାଲିଛି ଭାରସା ପରିବାର, ଏହି ପରିପେକ୍ଷୀରେ ସମସ୍ତଙ୍କ ମୁହଁରେ ପ୍ରଶଂସାର ସୁଅ ଛୁଟିଛି ଭାରସା ପରିବାରକୁ ।

# ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଚଢାଉ, ତିନିଜଣ ଗିରଫ ସହିତ ବିପୁଳ ମହୁଲ ପୋଚ ନଷ୍ଟ

ବେତନଟୀ(ପି.ଏନ): ବେତନଟୀ ଅବକାରୀ ଥାନା ପକ୍ଷରୁ ଦହିକୋଟୀ ଏବଂ ସାରିଆ ରାମଚନ୍ଦ୍ରପୁର ସମେତ ମୁକ୍ତାପୁର ପଞ୍ଚାୟତର ନୂଆଗାଁ ଗ୍ରାମରେ ଚଢାଉକରି ଚୋରା ଦେଶିମଦ ଓ ମହୁଲପୋଚ ଜବତକରି ନଷ୍ଟ କରିବା ଘଟଣାରେ ତିନିଜଣଙ୍କୁ ଗିରଫକରି ଶନିବାର ଅପରାହ୍ନ ପାଞ୍ଚଟାରେ କୋର୍ଟଚାଲାଣ କଲା ଅବକାରୀ ବିଭାଗ କ୍ଷ ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ଦହିକଟି ଗ୍ରାମର ଫକ ପାତ୍ରର ପୁଅ ବାବୁଲା ପାତ୍ର ନିକଟରୁ ୧୩ଲିଟର ଦେଶିମଦ, ସାରିଆ -ରାମଚନ୍ଦ୍ରପୁର ଗ୍ରାମର ଦୁର୍ଗା ହେମ୍ବ୍ରମର ପୁଅ ସୁଶାନ୍ତ ହେମ୍ବ୍ରମ ନିକଟରୁ ୧୫ଲିଟର ଚୋରା ଦେଶିମଦ ଏବଂ ମୁକ୍ତାପୁର ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମର ସ୍ୱର୍ଗତ ସୁନା ମାଝୀର ପୁଅ ବାହାଦୁର ମାଝୀ ନିକଟରୁ ୬୦କେଜିରୁ ଉର୍ଦ୍ଧ୍ୱ ମହୁଲପୋଚ ଏବଂ ଚୋରା ଚାଲାଣ ନିମନ୍ତେ ପ୍ରସ୍ତୁତହୋଇ ରହିଥିବା ୧୦ଲିଟର ରନ୍ଧା ମହୁଲିମଦ ଜବତ



କରାଯାଇଥିଲା କ୍ଷ ଏହିଭଳି ତିନି ଅଭିଯୁକ୍ତଙ୍କ ନିକଟରୁ ମୋଟ ୩୮ଲିଟର ଚୋରା ଦେଶିମଦ ସମେତ ୬୦କେଜିରୁ ଉର୍ଦ୍ଧ୍ୱ ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଜବତକରି ନଷ୍ଟ କରାଯାଇଥିଲା ।

## ଦାନ୍ତିଆମୁହାଁ ନୂଆସାହି ଗ୍ରାମରେ ଜୈନିକ ବ୍ୟକ୍ତିଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର

ବେତନଟୀ,(ପି.ଏନ): ବେତନଟୀ ଥାନା ବଡ଼ ଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ଉପକଣ୍ଠ ନୂଆସାହି ଗ୍ରାମର ଗୁହାଳଘରେ ଜନୈକ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ରବିବାର ସକାଳ ୭ଟା ସମୟରେ ଜବତକରି ତଦନ୍ତ ଆରମ୍ଭ କରିଛି ପୁଲିସ ।ମୃତକ ଜଣକ ହେଉଛନ୍ତି ନୂଆସାହି ଗ୍ରାମର ନରେନ୍ଦ୍ର ସିଂର ପୁଅ ବିଜୟ ସିଂ କ୍ଷବିଜୟ ଶନିବାର ରାତି ସାଢେ ଏଗାରଟା ପାଖାପାଖି ପର୍ଯ୍ୟନ୍ତ



ଘରେ ଶୋଇଥିବାର ପରିବାର ଲୋକେ ପୁଲିସକୁ ସୂଚନା ଦେଇଛନ୍ତି ।ତେବେ ରବିବାର ସକାଳେ ଗ୍ରାମର ମକୁରୁ ମହାନ୍ତଙ୍କ ଘର ଗୁହାଳରେ ବିଜୟଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା ।ଏନେଇ ମକୁରୁଙ୍କ ଘରଲୋକ ଗ୍ରାମବାସୀ ଓ ପୁଲିସକୁ ଖବର ଦେଇଥିଲେ ।ଖବର ପାଇ ବଡଜାମବଣି ଫାଣ୍ଡି ଅଧିକାରୀ ଏ ଏସ ଆଇ ଅଶେଷ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ମାମଲା ରୁଜୁକରି ମୃତଦେହ ଜବତ କରିଛନ୍ତି ।ପାରିପାର୍ଶ୍ୱିକ ସ୍ଥିତିରୁ ବିଜୟ ଆତ୍ମହତ୍ୟା କରିଥିବା ନେଇ ଅନୁମାନ କରାଯାଉଥିବା ବେଳେ ଶ୍ୱ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ ।ମୃତକ ବିଜୟ ସିଂ ଦିନମଜୁରିଆ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ସ୍ତ୍ରୀ ଓ ଦୁଇ ପୁଅଝିଅ ଅଛନ୍ତି ।

# ମେଡିକାଲ୍ କଲେଜ୍ ପ୍ରସଙ୍ଗ ଚାଲିବା ଓ ଶିକ୍ଷାଦାନ ନହେଲେ

## ଆନ୍ଦୋଳନର ଚେତାବନୀ : କ୍ରିୟାନୁଷ୍ଠାନ କମିଟି

ତାଳଚେର,(ପି.ଏନ): ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ବୈଠକ ତାଳଚେର ପ୍ରେସ୍ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କମିଟିର ଆବାହକ ପଦ୍ମ ଚରଣ ସାମଲ ସଭାପତିତ୍ୱ କରିଥିଲେ ଏବଂ ଉପସ୍ଥିତ ସଦସ୍ୟ ମାନେ ତାଳଚେର ମେଡିକାଲ୍ କଲେଜ୍ ର ଶିକ୍ଷାଦାନ ଅନୁଗୋଳ ଠାରେ ହେବାକୁ ଥିବା ପ୍ରସ୍ତାବକୁ ଘୋର ନିନ୍ଦା କରିବା ସହିତ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରଦୂଷଣ ଯୋଗୁଁ ତାଳଚେର ଜନ ସାଧାରଣ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଥିବା ବେଳେ ପାଂଚ ଶହ କୋଟିର କୋଠାକୁ ଡାକ୍ତରଖାନା ପରିବର୍ତ୍ତେ ପାଇଖାନା ରେ ପରିଣତ କରିବାକୁ ଯାଉଛନ୍ତି ସରକାର । ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଅନେକବାର ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ କରିବାକୁ ଆନ୍ଦୋଳନ କରି କାରାବରଣ କରିଥିଲେ । ଯାଫଳରେ ପୂର୍ବ ସରକାର ଘରୋଇ ହାଇଟେକ୍ କୁ ଚାଲୁ କରିବା ନିଷ୍ପତିକୁ



ବାତିଲ୍ କରିବାକୁ ବାଧ ହୋଇଥିଲେ । ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର କେବଳ ପବିତ୍ର ମୋହନ ସରକାରୀ ମେଡିକାଲ୍ କଲେଜ୍ ନାମ ଫଳକ ରଖି ଅନୁଗୋଳ ରେ ଶିକ୍ଷାଦାନ କରିବା ପ୍ରସ୍ତାବକୁ ଯଦି କାର୍ଯ୍ୟ କରନ୍ତି ତାହେଲେ ଦୁର୍ବାର ଗଣ ଆନ୍ଦୋଳନ ହେବ ବୋଲି ମତ ପ୍ରକାଶ ପାଇଛି । ପୁନର୍ବାର ଆସନ୍ତା ତା୧୦/୦୧/୨୦୨୫ ରିଖ ଶୁକ୍ରବାର ଦିନ ତାଳଚେର ପ୍ରେସ୍ କ୍ଲବ ଠାରେ ସକାଳ ୧୧ଟା ବେଳେ ବୈଠକ ଅନୁଷ୍ଠିତ ହେବ ଓ ଏହି ବୈଠକରେ ତାଳଚେରର ଶୁଭ ବୁଦ୍ଧି ସମ୍ପର୍ଣ୍ଣ ଜନସାଧାରଣ ଦଳମତ ନିର୍ବିଶେଷରେ ଯୋଗ ଦେବା ପାଇଁ ଆହ୍ୱାନ କରାଯାଇଛି । ଏହି ବୈଠକରେ ପରବର୍ତି କାର୍ଯ୍ୟ ପନ୍ଥା ଗ୍ରହଣ କରିବା ପାଇଁ ସ୍ଥିର କରାଯାଇଛି । ଆଜିର ଏହି ବୈଠକରେ କେଶବ ଭୂତିଆ, ଭୁପେନ୍ ଥମ୍ବ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ସୁକାନ୍ତ କୁମାର ଦାସ, ଗଗନ ବିହାରୀ ଦାସ, ପ୍ରେମାନନ୍ଦ ମହାନ୍ତି, ପରମାନନ୍ଦ ସାହୁ, ବିନୋଦ ଲାଲ୍ ?, ଅଭୟ କୁମାର ପାଣି, ଶୋଭାଗିନୀ ଦାସ, ଦୁର୍ଗା ଚରଣ ସାହୁ, ସଂଜିବ୍ ନାଏକ, ବିଜୟ କୁମାର ମିଶ୍ର, ଉଛନ୍ନ ପଟ୍ଟନାୟକ, ରାଜ କିଶୋର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୭ମ ନାଲକୋ ପ୍ରିମିୟର୍ ଲିଗ୍ ଉଦଯାପିତ

ନାଲକୋ ନଗର,(ପି.ଏନ): ଅନୁଗୋଳ ଜିଲ୍ଲା ନାଲକୋ ଷ୍ଟାଡିୟମ୍ ପରିସରରେ ଆଜି ୭ମ ନାଲକୋ ପ୍ରିମିୟର୍ ଲିଗ୍ ଉଦଯାପିତ ହୋଇଯାଇଛି ।ଏହି ଟୁର୍ନାମେଣ୍ଟ ରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ନାଲକୋ ର ସମସ୍ତ ୟୁନିୟନ ର ସଦସ୍ୟ ଯୋଗଦାନ କରିଥିଲେ । ଏହି ଟୁର୍ନାମେଣ୍ଟ ଟି ଡିସେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ବେଳ ୪ଟି ଦଳ ଭାଗ ନେଇ ଉଭୟ ଉଭୟଙ୍କ ମଧ୍ୟରେ ତିନୋଟି କରି ଲିଗ୍ ମ୍ୟାଚ ଖେଳି ଆଜି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।



ନାଲକୋ ସ୍ମେଲ୍ଟର କାରଖାନାର କାଷ୍ଟ ହାଉସ, କାର୍ବୋନ ବିଭାଗ, ସିପିପି ୱାରିୟର୍ସ. ଓ ସିପିପି ଅପରେସନ ବିଭାଗ ର ୪ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ଟି ବଡ ରୋମାଞ୍ଚକ ପରିସ୍ଥିତି ସୃଷ୍ଟି ହୋଇ ଶେଷରେ କାର୍ବନ୍ ବିଭାଗ ବିଜେତା ହୋଇଥିଲା । ଅପରେସନ ବିଭାଗ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ ହରାଇ ୧୨୨ ରନ୍ ଲକ୍ଷ୍ୟ ରଖିଥିଲା କାର୍ବୋନ ବିଭାଗ ୯ ୱିକେଟ ୨୦ ଓଭର ର ଶେଷ ବଲରେ ଚାମ୍ପିୟନ ହୋଇଥିଲା । ହିମାଂଶୁ ରଞ୍ଜନ ଧିରଙ୍କୁ ମ୍ୟାନ ଅଫ ଦି ସିରିଜ୍ ବିଜେତା ଘୋଷିତ ହୋଇଥିଲେ ।

# ଟୀକାକରଣ ପାଇଁ ବୁଲିଲା ସଚେତନତା ରଥ



କେନ୍ଦୁଝର, (ପି.ଏନ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓସ୍କା' ଦ୍ୱାରା ପରିଚାଳିତ ହେଇଫେର ପ୍ରକଳ୍ପ ଆନୁକୁଲ୍ୟରେ ଦେଶୀ କୁକୁଡ଼ା ଓ ଛେଳିଙ୍କର ଟୀକା କାରଣ ଓ କୃମି ନାଶକ ସମ୍ପର୍କିତ ସଚେତନତା ରଥ କେନ୍ଦୁଝରର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥଙ୍କ ଦ୍ୱାରା ଗତକାଲି ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ତାଙ୍କ ସହ ଅତିରିକ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାମଚନ୍ଦ୍ର ମହାନ୍ତି , ଏଡଭ୍ଲୁ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମୁଣ୍ଡା ଏବଂ ଅନ୍ୟ ଅତିଥିମାନେ ଯୋଗ ଦେଇ ଛେଳି ଓ ଦେଶୀ କୁକୁଡ଼ା ଚାଷୀମାନଙ୍କୁ ସଠିକ ସମୟରେ ଟିକାକରଣ ମାଧ୍ୟମରେ ପ୍ରାଣୀ ସମ୍ପଦର କିପରି ବିକାଶ କରାଯାଇ ପାରିବ ସେ ବିଷୟରେ ଛେଳି ଓ ଦେଶୀ କୁକୁଡ଼ା ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରଥ ଓସ୍କା ହେଇଫେର ପ୍ରକଳ୍ପ ଦ୍ୱାରା ଘଟଗାଁ ବ୍ଲକର ୧୦ ଗୋଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୩୪ଟି ଗାଁରେ ୫ ଦିନ ଧରି ବୁଲି ସମସ୍ତ ଛେଳି ଓ ଦେଶୀ କୁକୁଡ଼ା ଚାଷୀମାନଙ୍କୁ କୁକୁଡ଼ା ଓ ଛେଳିର ଟୀକାକରଣ ଓ କୃମି ନାଶନ ସମ୍ପର୍କରେ ସଚେତନ କରାଇବ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରକଳ୍ପ ପରିଚାଳକ ଶ୍ରୀ ସୁଦାମ ଚରଣ ଭୂୟାଁଙ୍କ ସହ ରାଜୀବ କୁମାର ଶର୍ମା ପ୍ରକଳ୍ପ କୋଷାଧକ୍ଷ ଏବଂ ପ୍ରକଳ୍ପର ଅନ୍ୟ ସମସ୍ତ କର୍ମକର୍ତ୍ତା ଯଥା ବିଶ୍ୱଜିତ ପ୍ରସାଦ ନାୟକ, ସୌମ୍ୟରଂଜନ ପାଢୀ, ସ୍ୱର୍ଣପ୍ରଭା ସିଂହ, ରଞ୍ଜିତା ପଣ୍ଡା, ସ୍ୱାତୀ ମହାନ୍ତ, ଶତାବ୍ଦୀ ସାମଲ, ସୁନିତା ନାଏକ, ସଂଯୁକ୍ତା ନାଏକ, ଲକ୍ଷ୍ମୀପ୍ରିୟା ମାନସିଂହ, ମଞ୍ଜୁଲତା ନାଏକ, ଦମୟନ୍ତୀ ନାଏକ, ବବିତା ରାଣୀ ମହାନ୍ତ, ସୁମତି ପିଲା, ଅନିତା ସାହୁ, ପ୍ରତିମା ପ୍ରଧାନ, ସଂଘମିତ୍ରା ଦାଶ, ଐଶ୍ୱର୍ଯ୍ୟା ବେହେରା, ଦିବ୍ୟ ରଞ୍ଜନ ବେହେରା, ରତିରଞ୍ଜନ ରାଉତ ଆଦି ସହଯୋଗ କରି ଥିଲେ ।

# ଉଠାଜଳସେଚନ ପ୍ରକଳ୍ପରୁ ଟ୍ରାନ୍ସଫର୍ମରୁ କୋଏଲ ଚୋରୀ



ବେତନଟୀ(ପି.ଏନ): ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ କଦଳିଆ ଗ୍ରାମରେ ଥିବା ଉଠା ଜଳସେଚନ ପ୍ରକଳ୍ପର ଟ୍ରାନ୍ସଫର୍ମର ଚୋରି ଘଟଣାରେ ରବିବାର ଅପରାହ୍ନ ଦୁଇଟାରେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କଲା ବୈଶିଙ୍ଗା ପୁଲିସ ।ସୂଚନା ମୁତାବକ ଚାଷୀମାନଙ୍କ ପାଇଁ ଉଠା ଜଳସେଚନ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ ସ୍ଥାପିତ କରାଯାଇଥିଲା ।କିଛି ଦୁର୍ବୃତ୍ତ ଉଠା ଜଳସେଚନ ପ୍ରକଳ୍ପରେ ବ୍ୟବହୃତ ଟ୍ରାନ୍ସଫର୍ମରରୁ ମୂଲ୍ୟବାନ କୋର ଓ କୋଏଲ ଚୋରି କରିନେଇଥିଲେ । ଘଟଣା ଜଣାପଡିବା ପରେ ସ୍ଥାନୀୟଲୋକ ପୁଲିସକୁ ଖବର ଦେଇଥିଲେ ।ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରି ଫେରିଥିବା ସୂଚନା ମିଳିଛି ।

# ଅଭିଭାବକଙ୍କ ଭରଷାଯୋଗ୍ୟ ଶିକ୍ଷାନୁଷ୍ଠାନ : ଆଇଲର୍ଣ୍ଣ ତାଳଚେର

ତାଳଚେର,(ପି.ଏନ): ପାଠ ପଢ଼ାଇବାକୁ ପିଲାଙ୍କୁ ଆଶାନୁରୂପକ ସହରକୁ ପଠାଇବାକୁ ପଡ଼ିବ ନାହିଁ । କାହିଁକି ଆପଣଙ୍କ ହାତ ପାହାନ୍ତେରେ ଏପରି ସୁବିଧା ଉପଲବ୍ଧ । ଗ୍ରାମାଚଂଳ ମେଧାବୀ ଗୁଣାତ୍ମକ ମାନର ଶିକ୍ଷାପ୍ରଦାନ କରିବା ଲକ୍ଷ୍ୟନେଇ ଗତ ବାରବର୍ଷ ଧରି ଛାତ୍ରଛାତ୍ରୀଙ୍କ ନିମନ୍ତେ କଠିନ ପରିଶ୍ରମ ଓ ସଫଳତାଭାବେ କାର୍ଯ୍ୟ କରି ଆସୁଛି ଆଇଲର୍ଣ୍ଣ ତାଳଚେର । ଏକ୍ଷେତ୍ରରେ ଏକ ଅଗ୍ରଣୀ ସ୍ଥାନ ନେଇଛି ଉକ୍ତ ଆବାସିକ ଶିକ୍ଷାନୁଷ୍ଠାନ । ତେବେ ନିଜର ପାରଦର୍ଶିତାରେ ଶତପ୍ରତିଶ ସଫଳତା ହସଲ କରିଛି । ୨୦୧୦ ମସିହା ଠାରୁ +୨ ବିଜ୍ଞାନ ପାଇଁ କୋଠର ପରିଶ୍ରମ କରି ଛାତ୍ରଛାତ୍ରୀଙ୍କୁ ସଠିକ୍ ମାର୍ଗର ଦିଗଦର୍ଶନ କରାଇପାରିଛି । ମାଟ୍ରିକ ପରି +୨ ପାଠପଢ଼ା ମଧ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ତେଣୁ ଅଭିଭାବକ ନିଜ ପିଲାଙ୍କ ଭବିଷ୍ୟତ କେବଳ ଏକ ସୁକଲେଜରେ ନାମ ଲେଖାଇ ନିରୋବର ସହିତ ବସି ପଢ଼ିବା ଚିନ୍ତାମୁକ୍ତ ନୁହେଁ ବରଂ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବି ସମାନ୍ତରଳଭାବେ ପ୍ରସ୍ତୁତ ହେବାକୁ ପଡ଼ିଥାଏ । ଏହାକୁ ନେଇ ଆଇଲର୍ଣ୍ଣ ଶିକ୍ଷାନୁଷ୍ଠାନ ହେଉଛି ପିଲାଙ୍କ ଭବିଷ୍ୟତ ଗଢ଼ିବା ଓ ପିଲାଙ୍କୁ ସଠିକ ମାର୍ଗ ଦର୍ଶନ କରିବାରେ ନିରନ୍ତର ପ୍ରୟାସ । ଛାତ୍ରଛାତ୍ରୀଙ୍କ ମୂଳଦୂଆ କିପରି ସୁଦୃଢ଼ କରିହେବ ଏବଂ କେଉଁ କ୍ଷେତ୍ରରେ ଛାତ୍ରଛାତ୍ରୀ ଦୁର୍ବଳ ତାକୁ ନେଇ ସେ କିପରି ଆଗାମୀ ଦିନରେ ଭଲ ପ୍ରଦର୍ଶନ କରିବ ତା'ଉପରେ ଗୁରୁତ୍ୱାରୋପ ହୋଇଥାଏ ବୋଲି ଅନୁଷ୍ଠାନର ନିର୍ଦ୍ଦେଶିକା ଶ୍ରୀମତୀ ସୁଞ୍ଜୁଲତା ପାଣି ଏହା ପ୍ରକାଶ କରିଛନ୍ତି ।

# ଧରଣୀମାଳ ଉଚ୍ଚ ବିଦ୍ୟାଳୟର ୨୦୦୮ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ

ବୋଡ଼େନ (ପି.ଏନ): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଧରଣୀମାଳ ଉଚ୍ଚ ବିଦ୍ୟାଳୟର ୨୦୦୮ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଖଡ଼ିଆଳ ନିକଟ ତିଖାଲି ଡ୍ୟାମ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ୨୦୦୮ ବ୍ୟାଚର ପ୍ରାୟ ୨୯ ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ସମସ୍ତେ ଏକ ଜୁଟ ହେବା ପରେ ପରସ୍ପର ମଧ୍ୟରେ ପରିଚୟ ସହ ଭାବର ଆଦାନ ପ୍ରଦାନ ହୋଇଥିଲା । ପରେ ଛାତ୍ର ଜୀବନର ଅଭୁଲା ସ୍ମୃତି ସବୁ ମନେପକାଇ ପରସ୍ପର ମଧ୍ୟରେ ଖୁସି ଜାହିର କରିଥିଲେ । ଏହି ବନ୍ଧୁ ମିଳନ ଦୀର୍ଘ ୧୭ ବର୍ଷପରେ ଅନୁଷ୍ଠିତ ହୋଇଥିବା ବେଳେ ପରସ୍ପର ମଧ୍ୟରେ ବହୁ ଆନନ୍ଦ ଅନୁଭବ ହୋଇଥିବା ଜଣାପଡିଛି । ଏଭଳି ବନ୍ଧୁ ମିଳନ ଆଗାମୀ ପ୍ରତିବର୍ଷ ଆୟୋଜନ କରାଯିବ ବୋଲି ପରସ୍ପର ମଧ୍ୟରେ ନିଷ୍ପତ୍ତି ନିଆଯାଇଛି । ଏହି ବନ୍ଧୁ ମିଳନ ଦ୍ୱାରା ପରସ୍ପର ମଧ୍ୟରେ ସମ୍ପର୍କ ନିବିଡ଼ ହେବା ସହ ଦୁଃଖସୁଖରେ ସମସ୍ତେ ସାମିଲ ହୋଇପାରିବା ନେଇ ବିଶେଷ ଆଲୋଚନା



କରିଥିଲେ । ଏହା ଦ୍ୱାରା ବ୍ୟକ୍ତିଗତ ସମ୍ପର୍କ ବୃଦ୍ଧି ହେବା ସହ ପାରିବାରିକ ସମ୍ପର୍କ ମଧ୍ୟ ଦୃଢ଼ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ସମସ୍ତଙ୍କ ପାଇଁ ଭୋଜିଭାତର ଆୟୋଜନ କରାଯାଇଥିଲା । ପରେ ତିଖାଲି ସ୍ଥିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ନାଚଗୀତ କରି ଆନନ୍ଦ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନରେ ଦିଗାମ୍ବର, ଅମିତ, ସୁମିତ, ଘନଶ୍ୟାମ, ଦୁର୍ଯ୍ୟୋଧନ, ହିମାଂଶୁ, ଦେବେନ୍ଦ୍ର, ଟିକେଲାଲ, ପୂର୍ଣଚନ୍ଦ୍ର, ହରିଶ୍ଚନ୍ଦ୍ର, ଭୁବନେ, ଗଗନ, ଶେଷଦେବ, ହେରାମ୍ବ, ବିଶ୍ୱରଂଜନ, ଦୂଷିଲା, କୁନ୍ତୀ, ସସ୍ମିତା, ଲକ୍ଷ୍ମୀପ୍ରିୟା, ନୀଲେନ୍ଦ୍ରି, ଦେବାଂଗିନୀ, ଜାନକୀ, ବୈଜୟନ୍ତୀ, ରୌମ୍ୟ ରଞ୍ଜନ,ରୋମାଞ୍ଚଳ, କୃ ତଞ୍ଚ, ରାଜେଶ,ଜରାସନ, ଧରମ, ଜଗଦିଶ, ରଶ୍ମିତା, ଆଶୁତୋଷ,ପ୍ରମୁଖ ନେତୃତ୍ୱ ନେଇଥିଲ

Printed by Mr Bikash Chandra Sethi on Behalf of Owned & Published by Mr Prakash Chandra Sethi Published From at- At-Bhimpura chhaka, Po- januganj, Dist-Balasore - (Odisha) and Printed At - MAHABIR PRINTERS Plot No-493, Gobinda Prasad, Sarathi Market complex Bomikhal, Bhubaneswar-10, www.theanudhyananews.com, Email- anudhyananews@gmail.com, Contact No- 9438515419,
Editor :Mr. Bikash Chandra sethi
ସମ୍ପାଦକ: ଶ୍ରୀ ବିକାଶ ଚନ୍ଦ୍ର ସେଠୀ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୧୪

# ପ୍ରେମ ଓ ଶାନ୍ତି



ଅନୁପମା ଭୂୟାଁ

ପ୍ରେମ ଶାଶ୍ୱତ ଓ ସୁନ୍ଦର। ଏହା କେବେ, କେତେବେଳେ, କାହା ସହିତ ବି ହୋଇପାରେ। ଆଉ ଥରେ ମନରେ ମନ ମିଶିଗଲେ ନା ସମାଜ, ନା ପରିବାର କେହି କରିପାରନ୍ତିନି ଅଲଗା। ପ୍ରେମର ପରିଭାଷା ପରିପୂର୍ଣ୍ଣତାରେ ଉକୁଟି ଉଠିଥାଏ ପ୍ରେମ ପାଇଁ ଚେଷ୍ଟା ସଫଳ ବା ବିଫଳ ହୋଇପାରେ କିନ୍ତୁ ପ୍ରେମ କେବେ ଅସଫଳ ହୁଏନି। ପ୍ରେମ ମାନେ ହିଁ ସାର୍ଥକତା ଓ ସଫଳତା। ପ୍ରେମରେ ମଣିଷ ପଡ଼େନି ବରଂ ପ୍ରେମ ତିଆରି ହୋଇଯାଏ ଆପଣା ଛାଏଁ ଆବେଗରେ। ଗଢ଼ି ହୁଏ ମଣିଷ ନୂଆ କରି ନୂଆ ପ୍ରକ୍ରିୟାରେ ପ୍ରେମର ସେହି ଅନନ୍ୟ ଅନୁଭବରେ। ଭାଲେଣ୍ଟାଇନ୍ ଡ ହେଉଛି ପ୍ରେମ ପରିପ୍ରକାଶ କରିବାର ଦିବସ । ମନର ଭାବକୁ ଶବ୍ଦ ଆକାରରେ ପରିପ୍ରକାଶ କରିବା ଲାଗି ଅନେକ ଏହି ଦିନକୁ ଅପେକ୍ଷା କରିଥାନ୍ତି । ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଠାରୁ ଆରମ୍ଭ କରି ପ୍ରାଚ୍ୟ ରାଷ୍ଟ୍ରରେ ଭିନ୍ନ ଭିନ୍ନ ଢ଼ଙ୍ଗରେ ପ୍ରେମ ଦିବସ ପାଳନ କରାଯାଇଥାଏ । ପ୍ରେମୀଯୁଗଳଙ୍କ ପାଇଁ ଏହି ଦିବସ ଅନେକ ମହତ୍ତ୍ୱ ରଖିଥାଏ । ଇତିହାସ କୁହେ, ସନ୍ଥ ଭାଲେଣ୍ଟାଇନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ତୃତୀୟ ଶତାବ୍ଦୀରେ ସମ୍ରାଟ କ୍ଲାଉଡିୟସ୍ ରୋମରେ ରାଜୁତି କରୁଥିଲେ । ତାଙ୍କ ଅନୁଯାୟୀ, ବିବାହ କରିବା ଦ୍ୱାରା ପୁରୁଷଙ୍କ ଶକ୍ତି ଏବଂ ବୁଦ୍ଧି ହ୍ରାସ ପାଇଥାଏ । ସେ ଆଜ୍ଞା ଜାରି କଲେ ଯେ ରାଜ୍ୟର କୌଣସି ଶ୍ରମିକ କିମ୍ବା ଅଧିକାରୀ ବିବାହ କରିବେ ନାହିଁ । ମାତ୍ର ସନ୍ଥ ଭାଲେଣ୍ଟାଇନ୍ ଏହି କ୍ରୁର ଆଦେଶର ବିରୋଧ କରିଥିଲେ । ତାଙ୍କ ଆହ୍ୱାନ କ୍ରମେ ସୈନିକ ଓ ଅଧିକାରୀମାନେ ବିବାହ କଲେ । ଶେଷରେ ସମ୍ରାଟ କ୍ଲାଉଡ଼ିୟସ୍ ୨୬୯ ମସିହା ଫେବୃୟାରୀ ୧୪ ତାରିଖରେ ସନ୍ଥ ଭାଲେଣ୍ଟାଇନ୍‌ଙ୍କୁ ଫାଶୀ ଦେଇଦେଲେ । ସେବେ ଠାରୁ ତାଙ୍କ ସ୍ମୃତିରେ ଏହି ଦିନକୁ ପ୍ରେମ ଦିବସ ଭାବେ ପାଳନ କରାଯାଇଥାଏ । କୁହାଯାଏ ଯେ ସନ୍ଥ ଭାଲେଣ୍ଟାଇନ୍ ମୃତ୍ୟୁ ପୂର୍ବରୁ ଜେଲର୍‌ଙ୍କ ଅନ୍ଧୁଣୀ ଝିଅ ଜ୍ୟାକୋବସଙ୍କୁ ନେତ୍ର ଦାନ କରିଥିଲେ । ଏଥିସହିତ ଜ୍ୟାକୋବାସ୍‌ଙ୍କୁ ଏକ ପତ୍ର ଲେଖି ଶେଷରେ ଲେଖିଥିଲେ ତୁମର ଭାଲେଣ୍ଟାଇନ୍ । ଏହି ଦିନ ଥିଲା ଫେବୃଆରୀ ୧୪ ତାରିଖ । ଏହାପର ଠାରୁ ସନ୍ଥଙ୍କ ନାମ ଅନୁଯାୟୀ ଭାଲେଣ୍ଟାଇନ୍ ଡେ ଅବସରରେ ସାରା ବିଶ୍ୱରେ ନିଃସ୍ୱାର୍ଥ ପ୍ରେମର ବାର୍ତ୍ତା ବଣ୍ଟା ଯାଇଥାଏ ।

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ କେତେଗୁଡ଼ିଏ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ । ସେହି ସରଳ ମାର୍ଗ ଗୁଡ଼ିକ ହେଉଛି ସବୁବେଳେ ମନେରଖନ୍ତୁ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗ୍ୟବାନ ମନେ କରିବା ଉଚିତ। ଏହାଦ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସଫଳତାକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାନ୍ତ ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଜୀବନର ଗୁଣାତ୍ମକମାନ ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂକୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ । ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ହସ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନରୁ ଶୁଭାରମ୍ଭ କରିବା ଉଚିତ । ଏହାସହ ପ୍ରତିଦିନ ଭେଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ। ଏହା ବ୍ୟକ୍ତିକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିର ସହ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହାମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଉପଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନରୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ ଏହି କାମନା କରିବା।

*'ସାଇବିଥି' ୭ଡ଼ି/୧୩୫୪,*
*ସେକ୍ଟର-୯, ସିଡିଏ, କଟକ*

# ଜୀବନ ପ୍ରେମ ହିଁ ଆନନ୍ଦ



ଅପର୍ଣ୍ଣା ନାୟକ

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ କେତେଗୁଡ଼ିଏ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ । ସେହି ସରଳ ମାର୍ଗ ଗୁଡ଼ିକ ହେଉଛି ସବୁବେଳେ ମନେରଖନ୍ତୁ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗ୍ୟବାନ ମନେ କରିବା ଉଚିତ । ଏହାଦ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସଫଳତାକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାନ୍ତ ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଜୀବନର ଗୁଣାତ୍ମକମାନ ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂକୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ ।

ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ହସ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନରୁ ଶୁଭାରମ୍ଭ କରିବା ଉଚିତ । ଏହାସହ ପ୍ରତିଦିନ ଭେଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ । ଏହା ବ୍ୟକ୍ତିକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିର ସହ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହାମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଉପଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନରୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ ଏହି କାମନା କରିବା।

*ମେନ ସାଗର ପାନ ରୋଡ଼, ନଂ-୩,*
*ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର,*
*ନୂଆଦିଲ୍ଲୀ,*
*ପିନ-୧୧୦୦୪୬*

# ବିରେନ ସିଂହଙ୍କ ଗାଦିଚ୍ୟୁତ

ମଣିପୁରରେ ଜାତିଗତ ଦଙ୍ଗାର ୨୧ମାସ ପରେ ଶେଷରେ ମୁଖ୍ୟମନ୍ତ୍ରୀ ଏନ.ବିରେନ ସିଂହ ଇସ୍ତଫା ଦେଇଛନ୍ତି। କହିବା ବାହୁଲ୍ୟ ଯେ, 'ବିଳମ୍ବିତ ନ୍ୟାୟ' ବିଡମ୍ବିତ ନ୍ୟାୟ' ପରି ବିଳମ୍ବିତ ଇସ୍ତଫା ଅର୍ଥହୀନ। ରାଜ୍ୟର ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଓ କୁକି ମଧ୍ୟରେ ଗଲା ୨୦୨୩ ମେ' ମାସରୁ ସଂଘଠିତ ଜାତିଗତ ଦଙ୍ଗାରେ ୨୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ହଜାରରୁ ଅଧିକ ବାସହରା ହୋଇପଡିଛି । ହଜାର ହଜାର ଲୋକ ଜୀବନ ରକ୍ଷା ପାଇଁ ଘର ଦ୍ୱାର ଛାଡି ପଡୋଶୀ ରାଜ୍ୟରେ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି। ଦଙ୍ଗା ବେଳେ ଦୁଇଜଣ ମହିଳାଙ୍କୁ ସମ୍ପୂର୍ଣ୍ଣ ଉଲଗ୍ନ କରି ରାସ୍ତାରେ ଚଲାଇ ଚଲାଇ ନେବା ଘଟଣା କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଆଲୋଡନ ସୃଷ୍ଟି କରିଥିଲା। ପ୍ରତିଦିନ ବଳାତ୍କାର, ହତ୍ୟା, ପୋଡାଜଳା, ଲୁଟ୍ ଆଦି ଘଟଣା ଘଟିଚାଲିଥିବାବେଳେ ଲୋକଙ୍କୁ ସୁରକ୍ଷା ଦେବାରେ ବିଜେପି ନେତୃତ୍ୱାଧୀନ ବିରେନ ସିଂହ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଏହା ସତ୍ତ୍ୱେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ତାଙ୍କୁ ରାଜଧର୍ମ କିମ୍ବା ଇସ୍ତଫା ଦେବାପାଇଁ ନିର୍ଦ୍ଦେଶ ନଦେଇ ନୀରବ ଦ୍ରଷ୍ଟା ଥିଲେ, ଯାହାକି ଅଭୟ ପ୍ରଦାନ ସଦୃଶ ଥିଲା। ନିକଟରେ ବିରେନ ସିଂହ ରାଜ୍ୟବାସୀଙ୍କୁ କ୍ଷମା ମାଗିବା ସତ୍ତ୍ୱେ ଏହାର କୌଣସି ପ୍ରଭାବ ହିଂସାମୁଖୀ ଜନତାଙ୍କ ଉପରେ ପଡିନଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଅନାସ୍ଥା-ପ୍ରସ୍ତାବ ଆଗତ କରିବାପାଇଁ କଂଗ୍ରେସ ଧମକ ଦେବା ପରେ ବିରେନ ସିଂହ ନିଜ ପଦବୀରୁ ଇସ୍ତଫା ଦେବା ଲାଗି ବିଜେପିର କେନ୍ଦ୍ରୀୟ ନେତୃତ୍ୱ ନିର୍ଦ୍ଦେଶ ଦେବାକୁ ବାଧ ହୋଇଥିବା କୁହାଯାଏ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେପି ବିଧାୟକ ଦଳରେ ଅସେଂାଷ। ୬୦ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିରେନଙ୍କ ସରକାରଙ୍କ ପ୍ରତି ୩୨ଜଣ ସଦସ୍ୟଙ୍କ ସମର୍ଥନ ଥିବାବେଳେ ୧୯ଜଣ ବିଧାୟକ କଂଗ୍ରେସର ଅନାସ୍ଥା-ପ୍ରସ୍ତାବକୁ ସମର୍ଥନ କରିବାକୁ ପ୍ରସ୍ତୁତି ଚଳାଇଥିବା ଜଣାପଡିବା ପରେ କେନ୍ଦ୍ରୀୟ ନେତୃତ୍ୱର ମୋହଭଙ୍ଗ ହୋଇଥିବା କୁହାଯାଏ। ପ୍ରଥମତଃ କୌଣସି ରାଜନୈତିକ ହିଂସାକାଣ୍ଡ, ଜାତିଆଣ ଦଙ୍ଗା ଘଟଣାରେ ବହୁ ବିଳମ୍ବରେ ଇସ୍ତଫା ବୋଧହୁଏ ଦେଶରେ ପ୍ରଥମ ଘଟଣା ବୋଲି କୁହାଯାଇପାରେ। ଦୀର୍ଘ ମାସ ମାସ ଧରି ଲାଗି ରହିଥିବା ହିଂସା ନିୟନ୍ତ୍ରଣ କରିବାରେ ବିରେନ ସିଂହ ସରକାରଙ୍କ ବିଫଳତା କେବଳ ହିଂସାକାଣ୍ଡକୁ ବ୍ୟାପକ କରିନଥିବା ଲୋକଙ୍କ ଯନ୍ତ୍ରଣା, କ୍ରୋଧକୁ ବଢାଇ ଥିଲା। ଯାହାର ପରିଣତି ସ୍ୱରୂପ ହତ୍ୟାକାଣ୍ଡ, ପୋଡାଜଳା ଘଟଣାମାନ ବଢି ଚାଲିଥିଲା। ସେହିପରି ବିଳମ୍ବରେ ଇସ୍ତଫା ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଦୁଇ ସମ୍ପ୍ରଦାୟ କୁକି ଓ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଏବେ ବିଭାଜନ ସୃଷ୍ଟି ହୋଇଛି। ମଣିପୁରର ବିଭାଜନ କରି ପାର୍ବତ୍ୟ ଅଂଚଳକୁ ନେଇ ବୃହତର ସ୍ୱୟଂଶାସନ ଦାବି କରିଥିବାବେଳେ ବିଭଜନକୁ ମୈତ୍ରେଇ ବିରୋଧ କରିଛି। କହିବା ବାହୁଲ୍ୟ ଯେ, ଯଦି ବିରେନ ସିଂହ ଭାବୁଥାନ୍ତି, ସେ ନିଜ କ୍ଷମତା ସୁରକ୍ଷିତ କରିବା କ୍ଷମା ଭିକ୍ଷା କରିଛନ୍ତି, ତେବେ ସେ ଭୁଲ ପ୍ରମାଣିତ ହେବେ। ଜାତିଗତ ହିଂସାକୁ ଉତ୍ସାହିତ କରିବା ଲାଗି ଟେଲିଫୋନ ବାର୍ତାଳାପ ଥିବା ଏକ ଅଡିଓ ଟେପ୍ ଲିକ୍ ଘଟଣାର ଫରେନସିକ ଯାଂଚ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏବେ ସମସ୍ତଙ୍କ ଆଖି କେନ୍ଦ୍ରୀୟ ଫରେନସିକ୍ ବିଜ୍ଞାନ ଲାବୋରେଟୋରୀ ରିପୋର୍ଟ ଉପରେ ରହିଛି। ଯେଉଁ ରିପୋର୍ଟ ମାସକ ମଧ୍ୟରେ ଦେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ଯଦି ସତ୍ୟ ପ୍ରମାଣିତ ହୁଏ, ତେବେ ବିରେନ ସିଂହ ଦଙ୍ଗାରେ ଯେ ସମ୍ପୃକ୍ତ ଏହା ପ୍ରମାଣିତ ହେବ, ଏଥିରେ ସନ୍ଦେହ ନାହିଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଏବେ ମଣିପୁରରେ ନୂତନ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହେବେ ନା ରାଷ୍ଟ୍ରପତି ଶାସନ ଜାରି ହେବ, ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ କେନ୍ଦ୍ରୀୟ ବିଜେପି କେନ୍ଦ୍ର ସରକାର ନିଷ୍ପତି ନେବେ। ତେବେ ବିରେନ ସିଂହଙ୍କ ଇସ୍ତଫା ମଣିପୁରର ଭବିଷ୍ୟତ ନିର୍ଣ୍ଣୟ ପାଇଁ ପଥ ପରିଷ୍କାର କରିଦେଇଛି। ଆହୁରି ମଧ୍ୟ ଇସ୍ତଫା ଦ୍ୱାରା ସଂକଟର ସମାଧାନ ହୋଇଯିବ ବୋଲି ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଯଦି ଭାବୁଥାନ୍ତି, ତେବେ ତାହା ଯଥେଷ୍ଟ ନୁହେଁ। ହିଂସା ଉପଦ୍ରୁତ ରାଜ୍ୟରେ ଶାଂତି ପ୍ରତିଷ୍ଠା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆହୁରି କିଛି କରିବାକୁ ହେବ। ଯାହା ଉଭୟ ସମ୍ପ୍ରଦାୟ ମଧ୍ୟରେ ପରସ୍ପରି ଆସ୍ଥା, ବିଶ୍ୱାସ ସଦିଚ୍ଛା ଓ ସଦ୍‌ଭାବ ପ୍ରତିଷ୍ଠା ସହ ଶାନ୍ତି ଫେରାଇ ଆଣିବ। ସେହିପରି ବିରେନ ସିଂହ ଯଦି ପକ୍ଷପାତିତା ମୂଳକ ପଦକ୍ଷେପ ଗ୍ରହଣ କରିଥାନ୍ତି, ତେବେ ତାଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଜରୁରୀ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୭୯୭୮୬୬୬୪୦୩*

# ଆପଣ ପ୍ରେମ କରିଛନ୍ତି ?

ଆପଣ ପ୍ରେମ କରିଛନ୍ତି ? ପ୍ରେମ, ଅର୍ଥାତ୍ କେଉଁ ପ୍ରକାର ପ୍ରେମକୁ ଆପଣ ବିଶ୍ୱାସ କରନ୍ତି ? ଏ ଜଗତ ଅଛି ତ ପ୍ରେମ ହିଁ ଅଛି। କାରଣ ପ୍ରେମର ଅନ୍ୟ ନାମ ଜୀବନ। ଜୀବନ ସଞ୍ଜିବନୀ ଯେତେବେଳେ ଅସ୍ତବ୍ୟସ୍ତ ହୋଇଯାଏ ଖାପ ଛଡ଼ା ଜୀବନକୁ ଏହି ପ୍ରେମ ହିଁ ଭରି ଦିଏ ଉଚ୍ଛ୍ୱାସ। ଆଉ ତୃପ୍ତିର ଗଭୀର ଆନନ୍ଦ। ପ୍ରେମ ଦେହଯୁକ୍ତ ଆଉ ଦେହାତୀତ ମଧ୍ୟ। ଭଗବାନଙ୍କୁ ଭକ୍ତ ପ୍ରେମ କରେ। ଛୁଆକୁ ମାଆ ପ୍ରେମ କରେ। ପତି-ପତ୍ନୀଙ୍କ ପ୍ରେମ ତ ସ୍ୱାଭାବିକ। ପ୍ରେମିକ ପ୍ରେମିକାଙ୍କ ପ୍ରେମ ହେଉ ବା ଭାଇ ଭଉଣୀଙ୍କ ପ୍ରେମ। ମାଲିକ ଚାକର ପ୍ରେମଙ୍କ ଠାରୁ ବସ ଆଉ ଅଧଃସ୍ତନଙ୍କ ପ୍ରେମ... ସବୁଠି ପ୍ରେମର ହିଁ ରାଜୁତି। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି ପ୍ରେମର ଅନ୍ୟ ଦିଗଟି ହେଉଛି ପ୍ରତାରଣା। ମରିଚିକା ଆଉ ଗଭୀର ଦୁଃଖର ନିରାନନ୍ଦର ମରୁ ପାଷାଣ। ଜୀବନ ଯେଉଁଠି ଝଡ଼ ପ୍ରେମ ସେଇଠି ଅଙ୍କାବଙ୍କା ଜୀବନ ନାନ୍ଦନିକ ମୁହୂର୍ତ୍ତର ପ୍ରାଣ। ପ୍ରେମ ଟିକକ ପାଇଁ ଯୁଦ୍ଧର ଦୁନ୍ଦୁଭି ବାଜିଛି। ପ୍ରେମ ଟିକକ ପାଇଁ ଅକାଳରେ ଜୀବନ ନିର୍ବାପିତ ହୋଇଯାଉଛି। ପ୍ରେମ କାହାଙ୍କ ପାଇଁ ଆନନ୍ଦ ତ କାହାଙ୍କ ପାଇଁ ବିଷାଦ। ପ୍ରେମକୁ ନେଇ ଅନେକ ଗପ, ଅନେକ କଥା, ଅନେକ ଅଙ୍କାବଙ୍କା ଗାରର ଆଲେଖ୍ୟ ଆଉ ମନ ମିଳନର ଟିପା ଖାତା। ଜୀବନରେ ପ୍ରେମ ସମସ୍ତଙ୍କର ତ ଅନୁଭୂତି ନିଶ୍ଚିନ୍ତ ରହିଥିବ। ହେଲେ ମୋ ଆଲୋଚନାର, ମୋ ଅନୁଭବର ପ୍ରେମ କିନ୍ତୁ ସମ୍ପୂର୍ଣ୍ଣ ଅଲଗା ସତେ ଯେପରି ଏ ଦୁନିଆର ଏକ ଛିଣ୍ଡା କାଗଜର ରୁମାଲ ପରି। ପ୍ରେମ ଥିଲା, ମନ ବି ମିଶିଥିଲା, ବିଶ୍ୱାସରେ ଜୀବନକୁ ନୂଆ ଭାବନାର ସହିତ ଆଗେଇ ନେବା ପାଇଁ ସ୍ୱପ୍ନ ଥିଲା ଆଉ ପ୍ରସ୍ତୁତି ବି ଆରମ୍ଭ ହୋଇଥିଲା। କିନ୍ତୁ ଅପରପକ୍ଷର ପ୍ରେମର ପରିଭାଷା ଥିଲା ଅତ୍ୟନ୍ତ କଷ୍ଟକର ଅତ୍ୟନ୍ତ ବେପଥୁ। ପାଇବାର ଟିକିଏ ପୂର୍ବରୁ ଝରି ପଡ଼ିଲା ପ୍ରେମର ଗଭୀର ବିଶ୍ୱାସଟି। ସତେ ଅଯୋଗ୍ୟତା, ଅପରାଗତା ହୁଏତ ମନିପର୍ସର ପତଳା ଚେହେରା ଆମ ପ୍ରେମର ବଡ଼ ଦସ୍ତାବିଜ ହୋଇପାରିନଥିଲା। ଛଳନା କରି ନାରୀଲୋଭୀ ନଥିବା ମଣିଷଟିକୁ ବୁଝି ହିଁ ପାରିଲାନି ସେଇ ପ୍ରେମ ପକ୍ଷୀଟି। ଅନେକ ସମୟରେ ଶୂନ୍ୟକୁ ଚାହିଁ ପ୍ରଶ୍ନଟି ସେହି ଜଗତ ଗଢ଼ିଥିବା ଲୋକଟିକୁ ପଚାରେ.... ଯଦି ପାଇବାର ନଥିଲା ତାହାହେଲେ ଦେବାର ଆଶା କାହିଁକି ବା ଭରିଦେଲ କିଛି କ୍ଷଣ ପାଇଁ ମୋ ଭିତରେ ? ଜୀବନର ଚିହ୍ନିବା ମୁହୂର୍ତ୍ତ ଭିତରେ ଭଲ ଭାବେ ପାଦରେ କଷ୍ଟକର ସମୟ ଆଉ ସମାଜକୁ ଚାଲି ଏକ ଯୁଗଳ ଜୀବନ ପାଇଁ ଯେଉଁ ପ୍ରାପ୍ତିର ସମ୍ଭାବନା ଥିଲା ତାହା ଯେ ଥିଲା ମରିଚିକା ବୁଝିଲାବେଳକୁ ବହୁତ ଡ଼େରି ହୋଇଯାଇଥିଲା ମୋ ପାଇଁ। ହେଲେ ଅପରପକ୍ଷର ଜୀବନ କିନ୍ତୁ ଆରମ୍ଭ ହୋଇଥିଲା ଅନ୍ୟ ଜଣଙ୍କ ସହ ହୁଏତ ସେ ହାତ ଧରିଲା ପର ଜଣେ ମଣିଷ ଏବଂ ତାଙ୍କ ଜୀବନର ପରବର୍ତ୍ତୀ ପ୍ରେମିକ। ଆଶ୍ଚର୍ଯ୍ୟ ହୁଏ ଏବଂ ମୁଁ ଫୋପାଡ଼ି ଥିବା ପ୍ରଶ୍ନର ଉତ୍ତର ଏ ଯାଏ ବି ପାଇ ନାହିଁ... ମୁଁ ଜାଣିଛି ମୋ ପ୍ରଶ୍ନର ଉତ୍ତର କାହା ପାଖରେ ବି ନାହିଁ।

ଫେବୃଆରୀ ଚଉଦରେ ପାଳନ କରାଯାଏ ଭାଲେଣ୍ଟାଇନ୍‌ସ ଡେ। ପ୍ରେମ ପ୍ରଣୟର ଦିବସ ଭାବେ ପାଳନ କରାଯାଉଥିବାରୁ ଏହାକୁ ନେଇ ଆମ ଦେଶରେ ଆଇନ-ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହି ଦିନ ପାଳନ ବାହାନାରେ କିଛି ଯୁବକ-ଯୁବତୀ ଲଜ୍ଜାହୀନ ଭାବେ ସର୍ବସାଧାରଣରେ ପ୍ରଣୟଲିପ୍ତ ହେଉଥିବାରୁ, ଏହାକୁ ବିରୋଧ କରାଯାଉଛି। ପରିଣାମ ସ୍ୱରୂପ ବେଳେ ବେଳେ ପୁଲିସର ହସ୍ତକ୍ଷେପ ଲୋଡ଼ାପଡୁଛି। ଏହି ଦିନ ସେଣ୍ଟ ଭାଲେଣ୍ଟାଇନଙ୍କୁ ଉତ୍ସର୍ଜିତ। ଏହି ଦିନରେ ସେଣ୍ଟ ଭାଲେଣ୍ଟାଇନସ୍ ଧର୍ମରକ୍ଷା ପାଇଁ ପ୍ରାଣ ହରାଇଥିବାର ଉଲ୍ଲେଖ ଅଛି। କିମ୍ବଦନ୍ତୀ ତଥା ଇତିହାସରେ ଏକାଧିକ ସେଣ୍ଟ ଭାଲେଣ୍ଟାଇନସ୍‌ଙ୍କ ଉଲ୍ଲେଖ ଥିବାରୁ ପ୍ରକୃତରେ କେଉଁ ସନ୍ଥଙ୍କ ପାଇଁ ଏହାର ପାଳନ ଆରମ୍ଭ ହୋଇଥିଲା ନିର୍ଦ୍ଦିଷ୍ଟ ଭାବେ ଜଣାଯାଏନାହିଁ। ରୋମାନ୍ ସମ୍ରାଟ ଦ୍ୱିତୀୟ କ୍ଲଡିୟସ୍ ସୈନିକଙ୍କ ବିବାହ ନିଷିଦ୍ଧ କରିଥିଲେ। ଆଉ ଜନଶ୍ରୁତି ଅନୁଯାୟୀ ସେମାନଙ୍କର ବିବାହ କରାଇ ସମ୍ରାଟଙ୍କ କ୍ରୋଧର ଶିକାର ହୋଇଥିଲେ ସେଣ୍ଟ ଭାଲେଣ୍ଟାଇନ। ତାଙ୍କୁ ବନ୍ଦୀ କରାଯାଇଥିଲା। ନିଜର ଅଲୌକିକ ଶକ୍ତି ବଳରେ ଏହି ସେଣ୍ଟ ଭାଲେଣ୍ଟାଇନ, ବନ୍ଦିଶାଳାର ମୁଖ୍ୟ ଅଷ୍ଟେରିୟସ୍‌ଙ୍କ ଅନ୍ଧୁଣୀ କନ୍ୟା ଜୁଲିୟାଙ୍କ ଦୃଷ୍ଟି ଶକ୍ତି ଫେରାଇ ଆଣିଥିଲେ। ବିସ୍ମିତ ଅଷ୍ଟେରିୟସ୍‌ଙ୍କ ପରିବାରର ସମସ୍ତ ସଦସ୍ୟ ଏବଂ କିଛି କାରାଗାର ରକ୍ଷୀ, ତାଙ୍କ ଦ୍ୱାରା ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିଲେ। ତେବେ ସମ୍ରାଟ ପ୍ରଭାବିତ ହୋଇ ନଥିଲେ ଏବଂ ତାଙ୍କ ନିର୍ଦ୍ଦେଶରେ ସେଣ୍ଟ ଭାଲେଣ୍ଟାଇନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ମୃତ୍ୟୁ ପୂର୍ବରୁ ସେ ଜୁଲିୟାଙ୍କୁ ପତ୍ରଟିଏ ଲେଖିଥିବା ମଧ୍ୟ ଜନଶ୍ରୁତି କହେ। ସେଥିରେ ଲେଖାଥିଲା ଇତି ତୁମର ଭାଲେଣ୍ଟାଇନ। ଭାଲେଣ୍ଟାଇନ ପ୍ରେମ ନା ଶ୍ରଦ୍ଧା ଯୋଗୁଁ ଏହା ଲେଖିଥିଲେ ଅଜଣା। ବ୍ରିଟିସ କବି ଜିଓଫ୍ରେ ଚସର ପାର୍ଲିଆମେଣ୍ଟ ଅଫ ଫାଉଲ୍ସ କବିତାରେ ପ୍ରଥମେ ସେଣ୍ଟ ଭାଲେଣ୍ଟାଇନ ନାମ ଉଲ୍ଲେଖ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ମଧ୍ୟ ଯୁଗରେ ଫ୍ରାନସ ଓ ବ୍ରିଟେନରେ ଫେବୃଆରୀ ୧୪କୁ ପକ୍ଷୀଙ୍କ ମିଳନ ଦିନର ଆରମ୍ଭ ଭାବେ ଗ୍ରହଣ କରାଯାଇଥିଲା। ତେଣୁ ଚସର କବିତାଟି ଲେଖିଥାଇପାରନ୍ତି। ପୋପ ଜିଲାସିଅସ୍ ଫେବୃଆରୀ ୧୪କୁ ସେ ଭାଲେଣ୍ଟାଇନସଙ୍କ ଦିବସ ଘୋଷିତ କରିଥିଲେ। ତେବେ, ଏହା କେବେ ପ୍ରଣୟ ଦିବସରେ ପରିଣତ ହୋଇଥିଲା କେହି ଜାଣନ୍ତିନାହିଁ।

ପ୍ରେମ ଅମର, ପ୍ରେମ ଶାସ୍ୱତ, ପ୍ରେମ ଚିରନ୍ତନ। ସ୍ୱୟଂ ପ୍ରେମ ହେଉଛି ସତ୍ୟ, ଶିବ, ସୁନ୍ଦର ତଥାପି ମରୁଭୂମିର ତତଲା ବାଲି ପରି ଅନେକ କ୍ଷେତ୍ରରେ ପ୍ରେମର ଉତ୍କଟତା ହଳାହଳ ବିଷ ପାଲଟି ଯାଉଛି କେତେକଙ୍କ ପାଇଁ। ସମସ୍ତଙ୍କ ଭିତରେ ପ୍ରେମ ରହୁ, ପ୍ରେମ ସତ୍ୟ ହେଉ, ପ୍ରେମ ସ୍ୱଚ୍ଛ ହେଉ, ପ୍ରେମ ନିଃସ୍ୱାର୍ଥପର ଆଉ ସେବାର ଉତ୍ସର୍ଗୀକୃତ ବଳୀଦାନର ଅନ୍ୟନାମ ହୋଇପାରିଲେ ଭାଲେଣ୍ଟାଇନ ଦିବସର ଅସଲ ପ୍ରେମର ଯଥାର୍ଥକୁ ଆମେ ଅନୁଭବ କରିପାରିବା ଏବଂ ପ୍ରେମ ପାଇଁ ଭଗବାନଙ୍କ ପାଖରେ କୃତଜ୍ଞ ରହିପାରିବା।



ଶ୍ରୀକାନ୍ତ କୁମାର ସାହୁ

*ବିଡ଼ାନାସୀ, ନୂଆସାହି, କଟକ,*
*ଦୂରଭାଷ ୭୦୦୮୩୨୫୭୩୧*

# ପ୍ରଣୟ ପରମ ବେଦଃ

ସତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି – ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ। ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' – କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ – ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି ? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର – ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ – ଭାଗବତର ସେହିକଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ। ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

*ସହ-ପ୍ରତିରତ୍ୱିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଶାଶ୍ୱତ ପ୍ରେମର ଅମୃତ ଚେତନା

ଆଜି ବିଶ୍ୱ ଭାଲେଣ୍ଟାଇନ ଡେ ତଥାକଥିତ ଭାବେ ବିଭିନ୍ନ ଭାବ, ବିଭିନ୍ନ ଢ଼ଙ୍ଗରେ ଅନୁଷ୍ଠିତ ହେଉଛି। ହେଲେ ଆମେ ସମସ୍ତେ ଭୁଲି ଯାଉଛେ ଯେ ବାସ୍ତବରେ ପ୍ରେମ କ'ଣ? ପ୍ରେମ କେବଳ ଲିଭିଙ୍ଗ ଟୁଗେଦର ବାହାନା ବା ଦେହଭାବର ଭାବାର୍ଥ ନୁହେଁ। ଏହା ଅତ୍ୟନ୍ତ ପ୍ରାସଙ୍ଗିକ ଓ ମୂଲ୍ୟବୋଧଭିତ୍ତିକ ତଥା ଅନୁପ୍ରେରଣୀୟ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କରିବା ଉଚିତ। ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯିବାନାହିଁ। ଆମେମାନେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାରୁ, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାରୁ ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାରୁ, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ଆମର କିଛି ବି ହୋଇନାହିଁ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' – କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ – ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ।

ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।



ନିରୂପମା ଭୂୟାଁ

*ସଭାନେତ୍ରୀ, ସାଇବାବା ଏସଏଚଜି,*
*ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*






ନର୍ସରୀ ବଧିର ବିଦ୍ୟାଳୟକୁ ଶରତ ଉଷା ମେମୋରିଆଲ ଟ୍ରଷ୍ଟ ଦ୍ୱାରା ପାଣି ନିଷ୍କାସନ ପାଇଁ ସହାୟତ କରିଛନ୍ତି । ଦିଲୀପ ରଥ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ।

# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି। ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ। ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋତ୍ସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେଷ୍ଣା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ ପାଇପ୍ ବିଛାଯାଇ ନାହିଁ। ମୂଳ ଡ୍ରେଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରେଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବସ୍ତ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଚୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋ ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'।ଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

## ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣଙ୍କୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣଙ୍କୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday February 14 | ଭୁବନେଶ୍ୱର | ଶୁକ୍ରବାର, ଫେବୃଆରୀ ୧୪,୨୦୨୫ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

## ଅଦ୍ୱିକ ଯୋଜନା ମାଧ୍ୟମରେ କିଶୋର କିଶୋରୀଙ୍କର ଦିନିକିଆ ପରିଭ୍ରମଣ କାର୍ଯ୍ୟକ୍ରମ



ରାୟଗଡା,(ପି.ଏନ): ରାୟଗଡା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାବରିଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସଂଯୋଜନାରେ ଜିଲ୍ଲାରେ ଅଦ୍ୱିକା ଯୋଜନା ମାଧ୍ୟମରେ ଏକ ଦିନିଆ କିଶୋର କିଶୋରୀ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଓ ଜିଲ୍ଲା ସମାଜ ମଙ୍ଗଳ ଉପ ବିଭାଗର ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିମା ଦାସ, ଆକ୍ସନ ଏଡ଼ ତରଫରୁ ବାଲ୍ୟ ବିବାହ ନିଷେଧ ଜିଲ୍ଲା ପରାମର୍ଶଦାତା ରତନେଶ୍ୱର ସାହୁ, ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟ ନାରାୟଣ ନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓ ଏହି କାର୍ଯ୍ୟକ୍ରମ ଅଧୀନରେ କିଶୋର କିଶୋରୀ ମାନେ ୱାର୍ଲ୍ଡ ସ୍କିଲ ସେଣ୍ଟର, କଳିଙ୍ଗ ଷ୍ଟାଡିୟମ ଓ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ପ୍ରଭୃତି ବୁଲି ଦେଖିଥିଲେ। ଅଦ୍ୱିକା କ୍ଲବର ସଦସ୍ୟ ସଦସ୍ୟା ମାନେ ବିଭିନ୍ନ ଦକ୍ଷତା ବିକାଶ ଦ୍ୱାରା ନିଜେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ତେଣୁ କେଉଁ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ ତାକୁ ଆଧାର କରି ଏହି ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବିନ ଚନ୍ଦ୍ର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମିନତୀ ଦେଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୁମାରୀ ବିଚିତ୍ରା ସେଠି ମତ ଦେଇଥିଲେଓ ଏହାପରେ କିଶୋର କିଶୋରୀ ମାନେ ନିଜ ନିଜ ଘରକୁ ଫେରିଥିଲେ।

## ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିଅମରେ ୪୬ ତମ ସର୍ବ ଭାରତୀୟ ବୃହତ ବନ୍ଦର ଫୁଟବଲ ଚ୍ୟାମ୍ପିୟନସିପ ଉଦଘାଟିତ

ପାରାଦୀପ,(ପି.ଏନ) ପାରାଦୀପ ବନ୍ଦର ପ୍ରାଧିକରଣ ଓ ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ମିଳିତ ଆନୁକୂଲ୍ୟରେ ୪୬ ତମ ସର୍ବ ଭାରତୀୟ ବୃହତ ବନ୍ଦର ଫୁଟବଲ ଚ୍ୟାମ୍ପିୟନସିପ ପାରାଦୀପ ବନ୍ଦର ର ଗୋପବନ୍ଧୁ ଷ୍ଟାଡିଅମ ଠାରେ ବୁଧବାର ଦିନ ଉଦଘାଟିତ ହୋଇଯାଇଛି । ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷ ଏହି ଟୁର୍ନାମେଣ୍ଟ କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଟୁର୍ନାମେଣ୍ଟ ଫେବୃଆରୀ ୧୨ ରୁ ଆରମ୍ଭ ହୋଇ ୧୬ ତାରିଖରେ ଉଦଯାପିତ ହେବ କ୍ଷ ଏହି ପ୍ରତିଯୋଗିତା ଲିଗ ଓ ନକଆଉଟ ଆଧାରରେ କରାଯିବ ।

## ଷଣ୍ଢକୁଦରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା







ପାରାଦ୍ୱୀପ,(ପି.ଏନ): ପାରାଦୀପ ପୌରାଞ୍ଚଳ ସ୍ଥିତ ଷଣ୍ଢକୁଦ ଗ୍ରାମବାସୀ ଓ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଦ୍ୱାରା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଅଛି । ଏହି କ୍ରମରେ ଗତ ଫେବୃଆରୀ ୯ ତାରିଖରେ ଅଂକୁର ରୋପଣ, ୧୦ ତାରିଖରେ କଳସ ଶୋଭାଯାତ୍ରା, ୧୧ ରେ ଚକ୍ର ଧ୍ୱଜ ସ୍ଥାପନା ଓ ରତ୍ନ ସିଂହାସନ ପ୍ରତିଷ୍ଠା ଏବଂ ୧୨ ତାରିଖ ରେ ମହାପ୍ରଭୁ ରତ୍ନାସିଂହାସନ ବିଜେ ଓ ପହିଲି ଦର୍ଶନ ଭଳି ଭକ୍ତି ମାର୍ଗ କାର୍ଯ୍ୟସୂଚୀ ଶ୍ରୀକ୍ଷେତ୍ର ପୁରୀ ମନ୍ଦିରର ନିର୍ଦ୍ଦେଶ ସମୟ ନିର୍ଘଣ୍ଟ ମତେ ସମସ୍ତ ବିଧି ବିଧାନ ଅନୁଯାଇ ସମ୍ପର୍ଣ୍ଣ ହୋଇଯାଇଅଛି । ସୂଚନାଥାଉକି ଦୀର୍ଘ ୪୦ ବର୍ଷର ଏହି କୁଡ଼ିଆ ଘରର ଛୋଟ ମନ୍ଦିର ଚତୁର୍ଦ୍ଧା ମୂର୍ତ୍ତୀ ଷଣ୍ଢକୁଦ ଗ୍ରାମବାସିଙ୍କ ଦ୍ୱାରା ପୂଜା ପାଇଆସୁଥିଲେ । ପୁରାତନ ଟ୍ରଷ୍ଟିଙ୍କ ସ୍ୱେଚ୍ଛାକୃତ ଅବସର ଓ ନୂତନ ଟ୍ରଷ୍ଟିଙ୍କ ଯୋଗଦାନ ପରେ ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି । ଟ୍ରଷ୍ଟର ଅଧକ୍ଷ ଦୀପକ ବେହେରା, ସମସ୍ତ ଟ୍ରଷ୍ଟି, ଗ୍ରାମର ମୁଖିଆ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସୁପରିଚାଳନା ଯୋଗୁ ନୂତନ ଭବ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର, ବାସୁଦେବ ପୀଠ, ଷଣ୍ଢକୁଦ ଠାରେ ପ୍ରତିଷ୍ଠା ହୋଇଯାଇଛି ! ଯାହାକି ମହାପ୍ରଭୁଙ୍କ ନୂତନ ମନ୍ଦିର ଓ ରତ୍ନ ସିଂହାସନ ବିଜେ ପାଇଁ ଅଗଣିତ ଭକ୍ତ ସମାଜ ସାହାଯ୍ୟ ସହଯୋଗର ହାତ ବଢ଼ାଇ ଥିବାରୁ ଟ୍ରଷ୍ଟ ର ଅଧକ୍ଷ ଦୀପକ ବେହେରା ଓ ସମସ୍ତ ଟ୍ରଷ୍ଟି ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ମହୋତ୍ସବ ଗାଁର ଭାଇଚାରା ସୃଷ୍ଟି କରିଥାଏ:୮ମ ଯଶୁଆପୁର ମହୋତ୍ସବ ଉଦଘାଟିତ




ବାଲିଅନ୍ତା,(ପି.ଏନ): ଗାଁରେ ଭାଇଚାରା ଓ ଗାଁର ପରିଚୟ ଜନମାନସରେ ସ୍ୱତନ୍ତ୍ର ସ୍ଥାନ ରଖିବା ମହୋତ୍ସବ ଏକମାତ୍ର ମାଧ୍ୟମ ବୋଲି ଆଜି ଯଶୁଆପୁର ଖେଳପଡିଆରେ ଅନୁଷ୍ଠିତ ହୋଇଥିବା ୮ ମ ଯଶୁଆପୁର ମହୋତ୍ସବର ଉଦଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ କ୍ଷ ଓଡ଼ିଶା କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଲୋକାଭିମୁଖୀ କରିବା ନିମନ୍ତେ ଗତ ୭ ବର୍ଷ ଧରି ଯଶୁଆପୁର ବିକାଶ ପରିଷଦ ଓ ଯଶୁଆପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ମହୋତ୍ସବରେ ଉଦଘାଟକ ଭାବେ ପଦ୍ମଶ୍ରୀ ଡା.ଅଶୋକ ମହାପାତ୍ର, ମୁଖ୍ୟଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମ୍ମାନୀତ ଭାବେ ପୂର୍ବତନ ମନ୍ତ୍ରୀ ଡ଼. ଅରବିନ୍ଦ ଢ଼ାଲି, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ, ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ବରିଷ୍ଠ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ମହୋତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ୧୫ ଜଣ କୃତି ପ୍ରତିଭାଙ୍କୁ 'ଆମ ଯଶୁଆପୁର' ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ମହୋତ୍ସବର ଉପଦେଷ୍ଟା ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଶେଷରେ ଗୋଟିପୁଅ ନୃତ୍ୟ, ସମ୍ବଲପୁରୀ, ଛଉ ନୃତ୍ୟ ଆଦି ପାରମ୍ପରିକ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା କ୍ଷ କାର୍ଯ୍ୟକ୍ରମକୁ ମହୋତ୍ସବର ମୁଖ୍ୟ ତଥା ବିକାଶ ପରିଷଦର ସଭାପତି ରଞ୍ଜନ ମହାପାତ୍ର, ସମ୍ପାଦକ ତାପସ ସ୍ୱାଇଁ, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ବରିଷ୍ଠ ନାଗରୀକ ନଳିନୀ କାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଉପସ୍ଥାପିକା ଆନି ଶତପଥୀ ।

## ଅନ୍ୱେଷଣ ପକ୍ଷରୁ ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ମା'ବିରଜାଙ୍କ ନିକଟରେ ସମୂହ ଦୀପ ଦାନ



ଯାଜପୁର,(ପି.ଏନ):ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବରିଷ୍ଠ ସିନେ ଅଭିନେତା ଆମ ସମସ୍ତଙ୍କର ଅତି ପ୍ରିୟ କଳାକାର ଉତ୍ତମ ମହାନ୍ତିଙ୍କର ଶରୀର ସୁସ୍ଥ ହେବା ହେତୁ ମା'ବିରଜାଙ୍କ ନିକଟରେ ସମୂହ ଦୀପଦାନ କରାଯାଇଥିଲା। ପ୍ରକାଶ ଥାଉକି ଆମର ପ୍ରିୟ କଳାକାର ଉତ୍ତମ ମହାନ୍ତିଙ୍କର ଶରୀର ଅସୁସ୍ଥ ଥିବାରୁ ଦିଲ୍ଲୀ ଠାରେ ଚିକିତ୍ସାଧୀନ ଅଛନ୍ତି। ସେଥିପାଇଁ ଆଜି ସକାଳୁ ଅନ୍ୱେଷଣ ଥିଏଟର ଗ୍ରୁପର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଏକତ୍ରିତ ହୋଇ ମା'ବିରଜାଙ୍କ ପାଖରେ ପୂଜା ଅର୍ଚ୍ଚନା କରାଯାଇ ସମୂହ ଦୀପଦାନ କରି ଉତ୍ତମ ସାର୍‌ଙ୍କ ଶରୀର ସୁସ୍ଥ ହେବା ନିମନ୍ତେ ମା'ବିରଜାଙ୍କ ନିକଟରେ ଆଶୁ ଆରୋଗ୍ୟ କାମନା କଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସାଂସ୍କୃତି ସମ୍ପାଦକ ଶଙ୍କର ସାହୁ, ବରିଷ୍ଠ ସଦସ୍ୟ ଶିଶିର କୁମାର ମହାପାତ୍ର, ଦ୍ୱିଜେନ୍ଦ୍ର କୁମାର ରାଉତ, କୋର କମିଟିର ସଦସ୍ୟ ଅଶୋକ ପାଣିଗ୍ରାହୀ, ସୋମନାଥ ନାୟକ। ରବିନାରାୟଣ ରାଉତ, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହାକୁମ୍ଭର ୩୧ ଦିନ : ୩୮ ଲକ୍ଷ ଭକ୍ତ ମହାପ୍ରସାଦ ଗ୍ରହଣ କଲେ, ୩୦ ଲକ୍ଷ ଆରତୀ ବଣ୍ଟନ



ପ୍ରୟାଗରାଜ/ ଧାମରା, (ପି.ଏନ): ପ୍ରୟାଗରାଜରେ ହେଉଥିବା ମହାକୁମ୍ଭରେ ଆଦାନୀ ଗ୍ରୁପ ଓ ଇସ୍କନ ପକ୍ଷରୁ ମହାପ୍ରସାଦ ସେବା ପ୍ରଦାନ କରାଯାଉଛି । ଏହି ସେବା ଅଧିନରେ ପ୍ରତିଦିନ ପ୍ରାୟ ୧ ଲକ୍ଷ ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଉଛି, ଯେଉଁଥିରେ ପ୍ରାୟ ୧୮ ହଜାର ସଫେଇ କର୍ମଚାରୀ ମଧ୍ୟ ଅନ୍ତର୍ଭୁକ୍ତ । ଗୋଟିଏ ପଟେ କୋଟି କୋଟି ଭକ୍ତ ସଙ୍ଗମରେ ବୁଡ଼ ପକାଇ ମୋକ୍ଷ ପ୍ରାପ୍ତି ପାଇଁ ପ୍ରାର୍ଥନା କରୁଥିବା ବେଳେ, ଏହି ମହାପ୍ରସାଦ ସେବା ସେମାନଙ୍କ ଖାଦ୍ୟ ଚିନ୍ତାକୁ ଦୂର କରିବା କାର୍ଯ୍ୟକୁ ହାତକୁ ନେଇଛି । ସର୍ବଶେଷ ସଂଖ୍ୟାରୁ ଜଣାପଡ଼ିଛି ମହାକୁମ୍ଭର ୩୧ ଦିନରେ ଏ ପର୍ଯ୍ୟନ୍ତ ପ୍ରାୟ ୩୮ ଲକ୍ଷ ଭକ୍ତ ମହାପ୍ରସାଦ ସେବନ କରିଛନ୍ତି । ଏହି ସେବା ମାଧ୍ୟମରେ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ କେବଳ ଭକ୍ତି ନୁହେଁ ବରଂ ସନ୍ତୋଷ ମଧ୍ୟ ଅନୁଭବ କରୁଛନ୍ତି । ମୌନୀ ଅମାବାସ୍ୟାରେ ପ୍ରାୟ ସାଢେ ୩ ଲକ୍ଷ ଲୋକ ଏହି ମହାପ୍ରସାଦ ଗ୍ରହଣ କରିଛନ୍ତି, ଯାହା ଏହି ସେବାର ବିଶାଳତା ଏବଂ ପ୍ରଭାବଶାଳୀତାକୁ ଦର୍ଶାଉଛି । କୁମ୍ଭମେଳାର ବିଶାଳ ଭିଡ଼ ମଧ୍ୟରେ ଲୋକମାନେ ଯାତ୍ରା ଏବଂ ବ୍ୟବସ୍ଥାକୁ ନେଇ ଚିନ୍ତିତ ଥିବା ବେଳେ, ଖାଦ୍ୟ ବ୍ୟବସ୍ଥାକୁ ନେଇ ଶ୍ରଦ୍ଧାଳୁ କୌଣସି ସମସ୍ୟାର ସମ୍ମୁଖୀନ ହୋଇନାହାନ୍ତି । ଆଦାନୀ ଗ୍ରୁପ ଓ ଇସ୍କନର ଏହି ସେବା କାର୍ଯ୍ୟରେ ପ୍ରତିଦିନ ୫ ହଜାରରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସେମାନଙ୍କର ନିଃସ୍ୱାର୍ଥପର ସେବା ପ୍ରଦାନ କରୁଛନ୍ତି । ଶ୍ରଦ୍ଧାଳୁମାନେ ଏହାକୁ ସେବନ କରିବା ପରେ ଏହାର ଗୁଣବତ୍ତା ଏବଂ ପବିତ୍ରତାକୁ ନିରନ୍ତର ପ୍ରଂଶସା କରୁଛନ୍ତି । ଏତଦ୍‌ବ୍ୟତୀତ ଆଦାନୀ ଗ୍ରୁପ ଗୀତା ପ୍ରେସ୍ ସହିତ ମିଳିତ ଭାବରେ ମହାକୁମ୍ଭରେ ଭକ୍ତମାନଙ୍କୁ 'ଆରତୀ ସଂଗ୍ରହ'ର ୧ କୋଟି କପି ମାଗଣା ବଣ୍ଟନ କରୁଛି । 'ଆରତୀ ସଂଗ୍ରହ' ନାମକ ପୁସ୍ତକ ଗୀତା ପ୍ରେସ ଦ୍ୱାରା ପ୍ରକାଶିତ ଏବଂ ଏହା ସନାତନ ସାହିତ୍ୟ ସେବାର ଏକ ପ୍ରୟାସର ଅଂଶ । ମହାକୁମ୍ଭରେ ଏ ପର୍ଯ୍ୟନ୍ତ 'ଆରତୀ ସଂଗ୍ରହ' ପ୍ରାୟ ୩୦ ଲକ୍ଷ କପି ବଣ୍ଟନ କରାଯାଇ ସାରିଛି । ମହାପ୍ରସାଦ ସେବା ବ୍ୟତୀତ, ଇସ୍କନ ମହାକୁମ୍ଭରେ ଭକ୍ତମାନଙ୍କ ମଧ୍ୟରେ ଗୀତାସାରର ୫ ଲକ୍ଷ କପି ବଣ୍ଟନ କରିବାକୁ ଯୋଜନା କରିଛି, ଯାହାର ୩ ଲକ୍ଷ କପି ବଣ୍ଟନ କରାଯାଇଛି । ଏହା ସହିତ ଦିବ୍ୟାଙ୍ଗ, ବୃଦ୍ଧ ଏବଂ ମା'ମାନଙ୍କ ପାଇଁ ଗଲ୍ଫ କାର୍ଟ ଭଳି ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଓ ବିଦେଶରୁ ଏହି ମହାକୁମ୍ଭକୁ ଆସୁଥିବା କୋଟି କୋଟି ଭକ୍ତ ଆଦାନୀ ଗ୍ରୁପ ଓ ଇସ୍କନର ଏହି ପଦକ୍ଷେପକୁ ପ୍ରଂଶସା କରୁଛନ୍ତି । ଏହି ସେବା କେବଳ ଭକ୍ତମାନଙ୍କ ସୁବିଧା ପାଇଁ ପ୍ରସ୍ତୁତ କରାଯାଇ ନାହିଁ ବରଂ ସେବା ଓ ସମର୍ପଣର ଏକ ଉଦାହରଣ ମଧ୍ୟ ସୃଷ୍ଟି କରୁଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray